୬ ଟି-୨୦ ବିଶ୍ୱକପ୍ : ଭାରତରେ ମ୍ୟାଚ୍ ଖେଳିବାକୁ ମନା କଲା ବାଂଲାଦେଶ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS

# ସମ୍ବାଦ କଳିକା
The Sambad Kalika

TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୩୮ ● ୫ ଜାନୁଆରୀ ୨୦୨୬, ସୋମବାର ● ଭୁବନେଶ୍ୱର ● Vol -32 ● Issue-338 ● 5th January 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## 'ଆମ ବସ୍'ର ବାରମ୍ବାର ଦୁର୍ଘଟଣା ପାଇଁ ଚିନ୍ତା ପ୍ରକଟ କଲେ ମୁଖ୍ୟମନ୍ତ୍ରୀ

# ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି ଓ ଫିଟନେସ୍ ଯାଞ୍ଚ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୪ ।୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ରୂପାଲି ଛକ ନିକଟରେ ଆମବସ୍ ଓ ଅଟୋ ମଧ୍ୟରେ ଧକ୍କା ହେବା ଫଳରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏ ଘଟଣାରେ ଆହତ ହୋଇଥିବା ଛାତ୍ରୀଙ୍କ ଆଶୁ ଆରୋଗ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି। ତେବେ 'ଆମ ବସ' ପରିବହନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି।

ଆମ ବସ୍ ପରିଚାଳନା ସଂସ୍ଥା କ୍ରୁଟ ସହିତ ସମନ୍ୱୟ ରକ୍ଷା କରି ଏ ସମସ୍ୟାର ସମାଧାନ ଆଣିବା ପାଇଁ ପଦକ୍ଷେପ ନେବାକୁ ସେ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।ବିଶେଷକରି ଆମ ବସ୍ ଡ୍ରାଇଭର ମାନଙ୍କ ଦକ୍ଷତା ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ନିୟମିତ



ଟ୍ରେନିଂ ପ୍ରଦାନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଟ୍ରେନିଂ ପ୍ରକ୍ରିୟାରେ ଡ୍ରାଇଭର ମାନଙ୍କ ଦକ୍ଷତା ସହ ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଶେଷକରି ସେମାନଙ୍କ ମଧ୍ୟରେ ସମ୍ବେଦନଶୀଳ ମନୋଭାବ ସୃଷ୍ଟି ପାଇଁ ଟ୍ରେନିଂ ମଡ୍ୟୁଲ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଏହା ସହିତ ଏମଭିଆଇ ମାନଙ୍କ ଦ୍ୱାରା ଆମ ବସ୍ ଗୁଡ଼ିକର ଫିଟନେସ ସମ୍ପର୍କରେ ନିୟମିତ ଯାଞ୍ଚ (ପୃଷ୍ଠା ୭ରେ)

## ଆମ ବସ୍ ସୁରକ୍ଷା ଏବଂ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ



ଭୁବନେଶ୍ୱର, ୪ ।୧

ନ୍ୟୁଜ୍ ବ୍ୟୁରୋ

ଆମ ବସ୍ ଦୁର୍ଘଟଣାରେ ରାଜଧାନୀରେ ଦୁଇ ଜଣଙ୍କ ଜୀବନ ଯିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରବିବାର ଆମ ବସ୍ ସେବାର ସୁରକ୍ଷା, ପରିଚାଳନା ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ପରିବହନ କମିଶନର ଅମିତାଭ ଠାକୁର, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ଟ୍ରାଫିକ୍ ଡିସିପି ଏବଂ ଅନ୍ୟାନ୍ୟ (ପୃଷ୍ଠା ୭ରେ)

## ୧୬ତମ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା

# ଜୀବ ହତ୍ୟା କରି ଖାଇବା ବା ଆନନ୍ଦ ନେବା କେତେ ଠିକ୍ : ମେନକା ଗାନ୍ଧୀ

ଭୁବନେଶ୍ୱର, ୪ ।୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ଜୟଦେବ ଭବନରେ ୧୬ତମ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା ୨୦୨୬ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାଣୀ ପ୍ରେମୀ ମେନକା ଗାନ୍ଧୀ, ଦେବୀ ପ୍ରସନ୍ନ ପଟ୍ଟନାୟକ, ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ନିବେଦିତା ମହାନ୍ତି, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧୀଜୀ ଓ ପ୍ରାଣୀ କଲ୍ୟାଣ ସମ୍ପର୍କରେ ଆଲୋଚନା ହୋଇଛି। ଜୀବ ଦୟା ଓ ଅହିଂସା ସମ୍ପର୍କରେ ଦିର୍ଘ ସମୟ ଧରି ନିଜ ମତ ରଖିଛନ୍ତି ମେନକା ଗାନ୍ଧୀ।

ଆଜି ସମାଜରେ ପ୍ରାଣୀ ଓ ପଶୁମାନଙ୍କ ଉପରେ ଅତ୍ୟାଚାର ବଢୁଛି। କେରଳ ୨୮ ହଜାର କଂସେଇ ଖାନା ଥିବା ବେଳେ ଉତ୍ତର ପ୍ରଦେଶରେ ୨୦ ହଜାର କଂସେଇ ଖାନା ରହିଛି । ଏହା ସୂଚାଉଛି ଆମେ ନିରୀହ ଜୀବର ଜୀବନ ନେଇ ଆମିଷ ଭୋଜନ କରୁଛୁ। ଯେଉଁମାନେ ପ୍ରାଣୀମାନଙ୍କ ପାଇଁ ନିଷ୍ଠୁର ବା ହିଂସ୍ର ହୁଅନ୍ତି, ସେମାନେ ମଣିଷ ପାଇଁ ମଧ୍ୟ ନିଷ୍ଠୁର ବା ହିଂସ୍ର ଅଟନ୍ତି। ଯେଉଁ ସରକାର ପ୍ରାଣୀ ଓ ପଶୁସମ୍ପଦ ସୁରକ୍ଷା ପାଇଁ ଉଦ୍ୟମ କରେ ସେହି ସରକାର ଲୋକମାନଙ୍କ ସୁରକ୍ଷା ପାଇଁ ମଧ୍ୟ କାମ କରେ । ଆମେ ଯଦି ଛୋଟ ପିଲାକୁ ମାରିପାରୁ ନାହାନ୍ତି ତେବେ ଛୋଟ ବାଛୁରୀ, ଛୋଟ ମାଙ୍କଡ , ଛୋଟ କୁକୁର ଓ ଛୋଟ ଛେଳିକୁ କିପରି ମାରୁଛେ । ଅନେକ କୁକୁଡ଼ା, ମାଛ, ଛେଳିକୁ ମାରି ଖାଉଛେ।

ଜୀବ ହତ୍ୟା କରି ଖାଇବା ବା ଆନନ୍ଦ ନେବା କେତେ ଠିକ୍? ଏହା କ'ଣ ଭାରତୀୟ ସଂସ୍କୃତି? ଆମ ଖାଦ୍ୟ ଆମିଷ ନୁହେଁ, ଆମେ ନିରାମିଷ ଭୋଜନ କରିବା ଆବଶ୍ୟକ। ସମାଜରେ ଅହିଂସା ସହ ବଞ୍ଚିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ମେନକା ଗାନ୍ଧୀ। ଜୀବ ହତ୍ୟା ରୋକିବା ପାଇଁ ଆହ୍ୱାନ ଦେଲେ ମେନକା ଗାନ୍ଧୀ । ଛେଳି ହତ୍ୟା କରୁ ନଥିବା ଲୋକ ୫୦ ହଜାର ଟସର ପୋକକୁ ମାରି ସେଥିରୁ ତିଆରି ଶାଢୀ ପିନ୍ଧନ୍ତି ଏହା କ'ଣ ମାନବିକତା ? ଏହାକୁ ଅହିଂସା ବୋଲି ଆମେ କେମିତି କହିବା ବୋଲି ସେ ପ୍ରଶ୍ନ କରିଛନ୍ତି ?

ପଶୁ ଉପରେ ଅତ୍ୟାଚାର ଓ ଶୋଷଣ ହେଲେ ସେମାନେ ସ୍ୱର ଉଠାଇ ପାରନ୍ତି ନାହିଁ। ତେଣୁ ପଶୁ ସମ୍ପଦ ଉପରେ ଅତ୍ୟାଚାର ନ କରିବା ହିଁ ମାନବିକତା ଓ ଅହିଂସା ଏହା ଗାନ୍ଧୀ ଚିନ୍ତା।

ଓଡ଼ିଶାର କଳାହାଣ୍ଡି ଭବାନୀପାଟଣାରେ ଆଜିବି ବଳି ପ୍ରଥା ରହିଛି । ଆମେ କାଳୀ ମାତାଙ୍କୁ କ'ଣ ଭୋଗ କରୁ ରକ୍ତ, ମାଂସ, ପୂଜା କରୁ ଏହା କ'ଣ ଆମ ପରମ୍ପରା ?

ଆମ ମନ ନରମ କିନ୍ତୁ ଆମେ ଆମ ହୃଦୟରେ ଯେଉଁ କଠୋର ପରଦା ପକାଇ ଦେଉଛେ ତାହା ଗ୍ରହଣୀୟ ନୁହେଁ।

ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିଆନ୍ କୌଣସି ଧର୍ମରେ ଆମିଷ ଭୋଜନ କରିବାର ନିୟମ ନାହିଁ । କିନ୍ତୁ ସବୁ ଧର୍ମର ଲୋକ ପଶୁ ହତ୍ୟା କରି ଆମିଷ ବା ମାଂସ ଭୋଜନ କରୁଛନ୍ତି ଏହା ଅହିଂସା କି ବୋଲି ପ୍ରଶ୍ନ କରିଛନ୍ତି ମେନକା ଗାନ୍ଧୀ । କାର୍ଯ୍ୟରେ ଦେବୀ ପ୍ରସାଦ ମିଶ୍ର, ରାଜ୍ୟ ସଭା ସାଂସଦ ସୁଲତାନ ଦେଓ , ପ୍ରତାପ ଜେନା, ବହୁ ବରିଷ୍ଠ ନେତା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

# ପରିବାର ଉପରେ ଚଢ଼ିଗଲା ଦ୍ରୁତଗାମୀ ଟ୍ରକ୍ : ୩ଜଣଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୪ ।୧

ନ୍ୟୁଜ୍ ବ୍ୟୁରୋ

ନୂଆବର୍ଷର ପ୍ରଥମ ରବିବାରରେ ଗଜପତି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଛି। ଶ୍ରୀକାକୁଳମ ଜିଲ୍ଲା ବାରୁଆ ଥାନା ଅଞ୍ଚଳରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଶିଶୁକନ୍ୟା ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଶିଶୁକନ୍ୟା ସମେତ ଅନ୍ୟ ଦୁଇ ଜଣ ଗୁରୁତର ଅଛନ୍ତି। ସେମାନଙ୍କୁ ଆନ୍ଧ୍ରପ୍ରଦେଶର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର ସାମ୍ନା କରିଥିବା ଲୋକେ ଗୋଟିଏ ପରିବାରର କୁହାଯାଉଛି। ମୃତାହତମାନଙ୍କର ପରିଚୟ ମିଳିପାରି ନାହିଁ।

ସୂଚନା ଅନୁସାରେ ଭୁବନେଶ୍ୱରର ଗୋଟିଏ ପରିବାରର ସଦସ୍ୟ କାରରେ ବିଶାଖାପାଟଣା ଯାଉଥିଲେ। ବାରୁଆ ନିକଟରେ ସେମାନେ ଏକ ଦୁଇଚକିଆ ଯାନକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ସମୟରେ ଦୁର୍ଘଟଣାର ସାମ୍ନା କରିଥିଲେ। ଏହି ସମୟରେ ଏକ ଟ୍ରକ ନିୟନ୍ତ୍ରଣ ହରାଇ ଡିଭାଇଡର୍ ଡେଇଁ ସାମ୍ନା ପଟୁ କାରକୁ ଧକ୍କା ଦେଇଥିଲା। କାରରେ ଥିବା ଲୋକମାନେ ଚାପି ହୋଇଯାଇଥିଲେ।



ଘଟଣା ବିଷୟରେ ଜାଣିବା ପରେ ୧୦୩୩ ଜାତୀୟ ରାଜପଥ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। କାର ଭିତରୁ ମୃତାହତମାନଙ୍କୁ ଉଦ୍ଧାର କରିଥିଲେ। ମୃତଦେହଗୁଡ଼ିକ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ବେଳେ ଗୁରୁତରମାନଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୁଲିସ ଜବତ କରିଛି।

## ଆଜିର ମୁଖ୍ୟ ଖବର

- ରାଜ୍ୟରେ ବନ୍ୟଜନ୍ତୁ ଅପରାଧ ମାମଲା ବୃଦ୍ଧି।
- ଭୁବନେଶ୍ୱରରେ କୁହୁଡି ପାଇଁ ଯାତାୟାତ ପ୍ରଭାବିତ।
- ପଶ୍ଚିମ ଓଡ଼ିଶାରେ ଶୀତ ପ୍ରକୋପ ବୃଦ୍ଧି।
- ବାରମ୍ବାର ଆମ ବସ୍ ଦୁର୍ଘଟଣା ପରେ ସଡ଼କ ସୁରକ୍ଷା ଚିନ୍ତା ବଢ଼ିଲା।
- ଶ୍ରୀମନ୍ଦିରରେ ଧାଡ଼ି ବ୍ୟବସ୍ଥାକୁ ନେଇ ଠେଲାପେଲା।
- ଭୁବନେଶ୍ୱର ପରେ କଟକ ଓ ରାଉରକେଲାରେ ଯାଞ୍ଚ।
- ଦିଲ୍ଲୀ କାର୍ ବୋମା ବିସ୍ଫୋରଣ ଘଟଣାର ମିଳିଲା ଚାଞ୍ଚଲ୍ୟକର ତଥ୍ୟ।
- ଭେନେଜୁଏଲାରେ ରାଷ୍ଟ୍ରପତି ଦମ୍ପତି ଅପହୃତ : ଦେଶରେ ଜରୁରୀ ପରିସ୍ଥିତି ଜାରୀ।
- ଗଗନଯାନ, ପିଏସ୍‌ଏଲ୍‌ଭି ଏବଂ ଏସ୍‌ଏସ୍‌ଏଲ୍‌ଭି ଅଭିଯାନ ୨୦୨୬ ପାଇଁ ଇସ୍ରୋର ବିଶାଳ ଯୋଜନା।

## ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ବିଭିନ୍ନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# କୃଷକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ମଣ୍ଡି ସୁପରିଚାଳନା କରିବାକୁ ପରାମର୍ଶ

ଭୁବନେଶ୍ୱର, ୪ ।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେ ଚଳିତ ଖରିଫ ଧାନ ସଂଗ୍ରହ ସ୍ଥିତି ସହିତ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) କାର୍ଯ୍ୟକାରିତାର ସୁପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ



ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ.ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୈଠକରୁ ଜଣାଯାଇଛି ଯେ, ଚଳିତ ୨୦୨୫-୨୬ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି । ଖରିଫ ୨୦୨୫-୨୬ ପାଇଁ ମୋଟ ଧାନ ଚାଷ ଅଞ୍ଚଳ ୬୧ ଲକ୍ଷ ୬୭ ହଜାର ୪୧୪ ଏକର ପଞ୍ଜିକୃତ ହୋଇଛି । ୨୦୨୪-୨୫ରେ ୭୩. ୪୫ ଲକ୍ଷ ମେଟ୍ରିକ୍ ଟନ ଖରିଫ ଏବଂ ୧୯. ୧୮ (ପୃଷ୍ଠା ୭ରେ)

# ମହୋଦଧିରେ ବୁଡ଼ ପକାଇ ପାପ ଧୋଇଲେ କଂସ ମହାରାଜ



ପୁରୀ, ୪ ।୧ : ନ୍ୟୁଜ୍ ବ୍ୟୁରୋ

କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ବରଗଡ଼ରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଶେଷ କରି କଂସ ମହାରାଜ ପ୍ରାୟଶ୍ଚିତ ପାଇଁ ଶ୍ରୀକ୍ଷେତ୍ର ଆସିଛନ୍ତି । କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଅଭିନୟରେ କଟୁ ବାକ୍ୟ ପ୍ରୟୋଗ କରିଥିବାରୁ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ତେବେ କଂସ ମହାରାଜ ଗୋବର୍ଦ୍ଧନ ପୀଠରେ ପହଞ୍ଚିବା ପରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି କ୍ଷମା ପ୍ରାର୍ଥନା କରିଥିଲେ। ସେଠାରୁ ସିଧାସଳଖ ତୀର୍ଥରାଜ ମହୋଦଧିକୁ ଯାଇ ସ୍ନାନ କରିବା ପରେ ପାପରୁ ମୋକ୍ଷ ପ୍ରାପ୍ତି ପାଇଁ ଶରଣାପନ୍ନ ହୋଇଛନ୍ତି ମହାପ୍ରଭୁଙ୍କ ପାଖରେ।

# ବିମାନବନ୍ଦରରୁ ପୁଣି ୮କୋଟିର ମାରିଜୁଆନା ଜବତ

ଭୁବନେଶ୍ୱର, ୪ ।୧ : ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ବିମାନବନ୍ଦରରୁ ପୁଣି ବିଦେଶୀ ଗଞ୍ଜେଇ (ମାରିଜୁଆନା) ଜବତ କରାଯାଇଛି। ଜବତ ମାରିଜୁଆନାର ମୂଲ୍ୟ ୮କୋଟି ହେବ ବୋଲି ଅନୁମାନ କରାଯାଉଛି। ଜଣେ ଯାତ୍ରୀଙ୍କ ଉପରେ ସନ୍ଦେହ ହେବାରୁ ତାଙ୍କୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଯାଞ୍ଚ କରିଥିଲା। ଯାଞ୍ଚ ପରେ ତାଙ୍କ ଲଗେଜରୁ ୪ଟି ପ୍ୟାକେଟରୁ ୮କେଜିର ମାରିଜୁଆନା ଜବତ କରାଯାଇଥିଲା। ବ୍ୟାଙ୍କକ୍‌ରୁ ଏହି ମାରିଜୁଆନା ଆଣିଥିବା ପଚରାଉଚରା ବେଳେ ଜଣାପଡ଼ିଛି। ସେ ରାଜଧାନୀର କାହାପାଖକୁ ଚାଲାଣ



କରୁଥିଲେ ତାହା ଜଣାପଡ଼ି ନାହିଁ। ବିଶେଷକରି ବଡ଼ ବଡ଼ ହୋଟେଲକୁ ଏହି ବିଦେଶୀ ଗଞ୍ଜେଇ ଚାଲାଣ କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ହୋଟେଲକୁ ଆସୁଥିବା ବିଦେଶୀ ନାଗରିକ ଏବଂ ଧନୀକ ଶ୍ରେଣୀର ଲୋକ ଏହି ମାରିଜୁଆନାକୁ ନେଇଥାନ୍ତି। ବ୍ୟାଙ୍କକ୍, ଥାଇଲାଣ୍ଡ ଆଦି ସ୍ଥାନରେ ଏହି ବିଦେଶୀ ଗଞ୍ଜେଇ ମିଳିଥାଏ। ସେଠାରେ ନିଶା ମାଫିଆମାନେ ଏକ ର୍ୟାକେଟ୍ କରି ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଅନ୍ୟ ସହରକୁ ପଠାଇଥାନ୍ତି। ଯେଉଁ ବିମାନବନ୍ଦରରେ ଯାଞ୍ଚ ବ୍ୟବସ୍ଥା ଢିଲା ରହିଥାଏ ଉକ୍ତ ସହରକୁ ନିଶା ମାଫିଆମାନେ ଟାର୍ଗେଟ କରିଥାନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ନିଶା ମାଫିଆମାନେ ଟାର୍ଗେଟ କରୁଛନ୍ତି। ସେମାନେ ହ୍ୱାଟ୍ସଆପ୍ ମାଧ୍ୟମରେ ଡିଲ୍ କରିଥାନ୍ତି। ଗଞ୍ଜେଇ ବିମାନରେ ଚାଲାଣ ପାଇଁ ତାଙ୍କୁ ୩୦ପ୍ରତିଶତ ଟଙ୍କା ମିଳିଥାଏ। ବିମାନ (ପୃଷ୍ଠା ୭ରେ)

## ଇସ୍କନ ବିରୁଦ୍ଧରେ ଗଜପତିଙ୍କ ଉଦ୍‌ବେଗ

ପୁରୀ, ୪ ।୧ : ନ୍ୟୁଜ୍ ବ୍ୟୁରୋ

ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ଗଜପତି ମହାରାଜ । ମହାପ୍ରଭୁ ବର୍ଷସାରା ବାହାରକୁ ଆସି ପରିବେନି କହି ନିଜ ଉଦବେଗ ପ୍ରକାଶ କରିଛନ୍ତି ଗଜପତି ମହାରାଜ ।

ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ମହାପ୍ରଭୁଙ୍କ ପ୍ରଥମ ସେବକ ତଥା ଗଜପତି ମହାରାଜ ଦିବ୍ୟସିଂହ ଦେବ । ଶ୍ରୀଜଗନ୍ନାଥଙ୍କ ଚେତନା ଓ ଚିନ୍ତନ କାର୍ଯ୍ୟକ୍ରମରେ ବିଭ୍ରାଟ ହେଉଥିବା କହି ନିଜର (ପୃଷ୍ଠା ୭ରେ)

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୫୮୨ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୪୫୦ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୧୮୭ (+୦) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୭ (+୦)

## ଏକାଳ ପଖାଳ



ନିଶା କବଳରେ ଯୁବଗୋଷ୍ଠୀ
ପଡି ହୁଏ ଛଟପଟ
କୋଟି କୋଟି ଟଙ୍କା ସମ୍ପତ୍ତି ଉଡେଇ
ଅପରାଧେ ଲଟପଟ
ଶେଷେ ହେଉଛନ୍ତି ଫଟ
ଧରାପଡୁଛନ୍ତି ନିଇତି ତଥାପି
ବୁଦ୍ଧିରେ ବାଜୁନି ଘଣ୍ଟ।

# ଭେନେଜୁଏଲା ଆକ୍ରମଣ ନେଇ ଜାତିସଂଘ କ୍ରୋଧିତ




ନ୍ୟୁୟର୍କ, ୪ ।୧

ଆମେରିକାର ଭେନେଜୁଏଲା ଆକ୍ରମଣ ଉପରେ ଜାତିସଂଘ (ୟୁଏନ)ର ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି ଯେ, ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଏବଂ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବା ପାଇଁ କାର୍ଯ୍ୟ ଏକ 'ବିପଜ୍ଜନକ ଉଦାହରଣ' ସୃଷ୍ଟି କରିଛି।

ଏହି ବିବୃତି ସୋମବାର ଦିନ ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଉପରେ ଆଲୋଚନା କରିବା ପାଇଁ ଅନୁଷ୍ଠିତ ହେବାକୁ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଜାତିସଂଘ ବୈଠକ ପୂର୍ବରୁ ଆସିଛି।

ରିପୋର୍ଟ ଅନୁଯାୟୀ, ଋଷ ଏବଂ ଚୀନ୍ ସମର୍ଥନରେ କଲମ୍ବିଆ ଜାତିସଂଘ ସୁରକ୍ଷା ପରିଷଦର ବୈଠକ ଦାବି କରିଛି। ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ବଢୁଥିବା ଉତ୍ତେଜନାକୁ ସମାଧାନ କରିବା ପାଇଁ ସୁରକ୍ଷା ପରିଷଦ ପୂର୍ବରୁ ଅକ୍ଟୋବର ଏବଂ ଡିସେମ୍ବରରେ ଦୁଇଥର ବୈଠକ କରିଥିଲା। ଭେନେଜୁଏଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏବେ ପୁଣି ଥରେ ବୈଠକ ଅନୁଷ୍ଠିତ ହେଉଛି।

ଶନିବାର ଦିନ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ, ଏକ ନିରାପଦ ଏବଂ ନ୍ୟାୟପୂର୍ଣ୍ଣ ପରିବର୍ତ୍ତନ (ପୃଷ୍ଠା ୭ରେ)

# ଆହୁରି ବଢ଼ିବ ଥଣ୍ଡା : ୧୯ଟି ରାଜ୍ୟକୁ ଘନ କୁହୁଡି ପାଇଁ ସତର୍କ

ନୂଆଦିଲ୍ଲୀ, ୪ ।୧

ଦିଲ୍ଲୀ ଏବଂ ସମଗ୍ର ଉତ୍ତର ଭାରତରେ ହାଡ଼ଭଙ୍ଗା ଥଣ୍ଡା ଅନୁଭୂତ ହେଉଛି। ଘନ କୁହୁଡ଼ି ଏବଂ ଶୀତଳ ଲହରୀ ଶୀତକୁ ଆହୁରି ତୀବ୍ର କରିଛି। ସର୍ବନିମ୍ନ ଏବଂ ସର୍ବାଧିକ ତାପମାତ୍ରା ଏବେ ହ୍ରାସ ପାଇବାରେ ଲାଗିଛି। ଭାରତ ପାଣିପାଗ ବିଭାଗ ଏହି ସପ୍ତାହରେ ଉତ୍ତର ଭାରତ ପାଇଁ କୁହୁଡ଼ି ଏବଂ ଶୀତଳ ଲହରୀ ସତର୍କତା ଜାରି କରିଛି। ବର୍ଷା କିମ୍ବା ତୁଷାରପାତ ଆଶା କରାଯାଇ ନାହିଁ, କିନ୍ତୁ ଶୀତଳ ଲହରୀ ଶୀତକୁ ଆହୁରି ତୀବ୍ର କରିବ।

ଦିଲ୍ଲୀରେ ତାପମାତ୍ରା ହ୍ରାସ ପାଇବ। ଦିଲ୍ଲୀ-ଏନସିଆରରେ ହାଲୁକା କୁହୁଡ଼ି ଏବଂ



ଶୀତଳ ଲହରୀ ଥଣ୍ଡାକୁ ବୃଦ୍ଧି କରିବ। ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୧୭.୩ ଡିଗ୍ରୀ ଏବଂ ସର୍ବନିମ୍ନ ୮.୧ ଡିଗ୍ରୀ ରେକର୍ଡ କରାଯାଇଛି। ଏହି ସପ୍ତାହରେ ଦିଲ୍ଲୀରେ ପାଗ ସ୍ପଷ୍ଟ ରହିବ, ବର୍ଷା ହେବାର ସମ୍ଭାବନା ନାହିଁ। ତଥାପି ଶୀତଳ ଲହରୀ ଯୋଗୁଁ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ଡିଗ୍ରୀ ହ୍ରାସ (ପୃଷ୍ଠା ୭ରେ)



# 'ଗଣିତ ଶିକ୍ଷା ଜୀବନକୁ ସରଳ କରିଥାଏ'

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ଧୁରିଆପଡା ଅଙ୍କ ଫାଉଣ୍ଡେସନ ଓ ସଷ୍ଟେନେବୁଲ ଇକୋନୋମିକ ଆଣ୍ଡ ଏଜୁକେସନାଲ ଡେଭେଲପମେଣ୍ଟ ସୋସାଇଟି ଇଣ୍ଡିଆ ତରଫରୁ ସଂଯୋଜକ ତଥା ଆଇଆଇଟି ଖଡ଼ଗପୁର ର ପ୍ରଫେସର ଡ଼. ପ୍ରତିମା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଗ୍ରାମାଞ୍ଚଳ ଗଣିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଗଣିତ ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରାକ୍ତନ ପ୍ରଫେସର ଡ଼ ସ୍ୱାଧୀନ ପଟ୍ଟନାୟକଙ୍କ ପ୍ରେରଣାରେ ଅନୁଷ୍ଠିତ ପଞ୍ଚଦିବାସୀୟ ଆବାସିକ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ମେହେର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣିତ ଶିକ୍ଷା ଜୀବନକୁ ସରଳ କରିଥାଏ ବୋଲି କହିଥିଲେ। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ର ପ୍ରାକ୍ତନ




ବରିଷ୍ଠ ଗଣିତ ଶିକ୍ଷକ ଜିନେଶ ପ୍ରଧାନ, ଭଦ୍ରକ ମହାବିଦ୍ୟାଳୟର ପ୍ରଫେସର ଡ଼.ଆଲୋକ କୁମାର ସାହୁ, ଝାରବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ହୃଦାନନ୍ଦ ଭୋଇ, ବରଗଡ଼ ପଂଚାୟତ ମହାବିଦ୍ୟାଳୟ ର ପ୍ରଫେସର ଡ଼ ଅଭିଳାଷ ସାହୁ, ରାଉରକେଲା ଚିନ୍ମୟ ବିଦ୍ୟାଳୟ ର ପ୍ରସିଦ୍ଧ ଅଲମ୍ପିୟାଡ଼ ଶିକ୍ଷକ ସୁରେଶ କୁମାର ଶତପଥି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ନିର୍ଘଣ୍ଟ ରେ ଛାତ୍ରଛାତ୍ରୀଙ୍କୁ ଗଣିତ ଶିକ୍ଷାର ବିଭିନ୍ନ ସରଳ ସମାଧାନ ପ୍ରକ୍ରିୟା ବିଷୟରେ ଅଧାପନା ଦେଇଥିଲେ। ଗାଣିତିକ ମଡେଲ ତିଆରି,ଗୀତ,ଖେଳ ଓ ବିଭିନ୍ନ ସୂତ୍ର ମାଧ୍ୟମରେ ଗଣିତ ଶିକ୍ଷା, ଗଣିତ ଅଲମ୍ପିୟାଡ଼ ପାଇଁ ପ୍ରସ୍ତୁତି କୌଶଳ ବିଷୟରେ ଛାତ୍ରଛାତ୍ରୀ ଶିକ୍ଷା ପାଇଥିଲେ। ଶିକ୍ଷକ କୁମୁଦ କୁମାର ମଟାରି ସଭା ସଂଯୋଜନା କରିଥିଲେ। ଗଣିତ ପ୍ରତିଭା ପରୀକ୍ଷାରେ ନବମ ଶ୍ରେଣୀ ବର୍ଗ ଓ ଅଷ୍ଟମ ଶ୍ରେଣୀ ବର୍ଗ ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଂଶ ଗ୍ରହଣକାରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ର ବିଭିନ୍ନ ବ୍ଲକ ରୁ ଛାତ୍ରଛାତ୍ରୀ ଓ ଗାଇଡ଼ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପାତ୍ର, ସୁରେଶ ପଧାନ, ବୈଶାଖୁ ପଧାନ, ସିଆରସିସି ନରେନ୍ଦ୍ର ପୁରୋହିତଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ହୋତା,ପଞ୍ଚସଖା ଶିକ୍ଷାସେତୁ ସଭ୍ୟ କିଷନ ଅଗ୍ରୱାଲ, ସମାଜସେବୀ ମଧୁସୂଦନ ସାହୁ, ଶିକ୍ଷକ ଅଜିତ ରଣା, ସୁମନ୍ୟୁ ପଧାନ, ବିବେକ କୁମାର ଭୋଇ, ମନୋରଞ୍ଜନ ଛାନ୍ଦ, ବିବେକାନନ୍ଦ ଭୋଇ, ସତ୍ୟନାରାୟଣ କୁଅଁର, ସିଆରସିସି ରମେଶ ଭୋଇ, ପ୍ରବୀର ଭୋଇ, ସୁଧାଂଶୁ ସାହୁ, ଶିକ୍ଷୟିତ୍ରୀ ମଞ୍ଜୁଲତା ରଣା, ରୀନା ବାଘ, ଗୀତିକା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ନାଥ, ସହାୟକ ଗରୁଡ଼ ପଧାନ,ହର ଯୁଆଡ଼ି,ସହାୟିକା ସବିତା ସେଠି,ପଦ୍ମାବତୀ ପ୍ରଧାନୀ ସହଯୋଗ କରିଥିଲେ। ଯୋଗ ଶିକ୍ଷକ ପ୍ରଫୁଲ୍ଲ ବାରିକ ଓ ଉମାକାନ୍ତ ସାହୁ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରାଇଥିଲେ। ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶର ୧୫ତମ ଶ୍ରେଷ୍ଠ ମେଡିକାଲ ଶିକ୍ଷାନୁଷ୍ଠାନରେ ସମ୍ ହସ୍ପିଟାଲ ସ୍ଥାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଗୁରୁବାର ହସ୍ପିଟାଲ ପରିସରରେ ନୂଆବର୍ଷ ପାଳନ କରାଯାଇଛି। ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ ପରିବାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ରଙ୍କ ତତ୍ୱାବଧାନରେ ପାଳନ କରାଯାଇଥିଲା। ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ ପ୍ରଫେସର (ଡାକ୍ତର) ମିଶ୍ର ୨୦୨୫ ବର୍ଷରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଯେଉଁ ସଫଳତା ହାସଲ କରିଛି ତାହାର ସମସ୍ତ ଶ୍ରେୟ ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସ୍‌କିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଜଣାଇଥିଲେ। ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି



ପ୍ରଫେସର (ଡକ୍ଟର) ମନୋଜରନ ନାୟକଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ତାଙ୍କର ସହଯୋଗ ଓ ଅବଦାନ ଯୋଗୁଁ ଆଇଏମ୍ଏସ ଆଣ୍ଡ ସମ ହସ୍ପିଟାଲ୍ ଶୀର୍ଷରେ ପହଂଚିପାରିଛି ବୋଲି ପ୍ରଫେସର ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ହସ୍ପିଟାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ଡାକ୍ତର, ନର୍ସ, ଫାର୍ମାସିଷ୍ଟସ, ହାଉସ୍‌କିପିଂ ଷ୍ଟାଫ୍‌ଙ୍କ ସମେତ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏନ୍.ଆଇ.ଆର୍.ଏଫ୍. ର‍୍ୟାଙ୍କିଙ୍ଗ ୨୦୨୫ରେ ଦେଶର ୧୫ତମ ଶ୍ରେଷ୍ଠ ମେଡିକାଲ୍ ଶିକ୍ଷାନୁଷ୍ଠାନ ଭାବରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ସ୍ଥାନୀତ ହୋଇଛି। ସ୍ୱାସ୍ଥ୍ୟ ସେବା, ବିଶ୍ୱାସ, ରୋଗୀଙ୍କ ମୁଖରେ ହସ ଫୁଟାଇବା, ଉତ୍ସାହର ସହ ସେବା ପ୍ରଦାନ କରିବା ସହିତ ନିଜର ଦାୟିତ୍ୱ ପ୍ରତି ତତ୍ପର ହେବା ପାଇଁ ମେଡିକାଲ୍ ସୁପରିଟେଣ୍ଡେଂଟ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ହସ୍ପିଟାଲ୍‌ର ସର୍ଜରୀ ବିଭାଗର ଏମିରେଟସ୍ ପ୍ରଫେସର ବିଶ୍ୱନାରାୟଣ ମହାନ୍ତି ଯୋଗ ଦେଇ କହିଥିଲେ ଯେ ଡାକ୍ତରୀ ଶିକ୍ଷା ଗ୍ରହଣ ନିମନ୍ତେ ଦେଶ ତଥା ବିଦେଶର ଛାତ୍ରଛାତ୍ରୀମାନଙ୍କର ପ୍ରଥମ ପସନ୍ଦ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍। ଏହି ଅବସରରେ ଆଇଏମ୍.ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ମିନତୀ ମିଶ୍ର ନବବର୍ଷର ଶୁଭେଚ୍ଛା ଜଣାଇବା ସହିତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ହସ୍ପିଟାଲ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କମ୍ୟୁନିଟି ମେଡିସିନ ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ସ୍ମିତି ମଧୁସିକ୍ତା ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋନପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଦସ୍ତଖତ ଅଭିଯାନ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁରର ସର୍ବ ପୁରାତନ ମହାବିଦ୍ୟାଳୟ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବୀରେ ଆଜି ସ୍ଥାନୀୟ ବିଜୁ ପଟ୍ଟନାୟକ ଛକ ଠାରେ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ୧୯୬୪ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ପୁରାତନ ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନଥିବାରୁ ଆଲୁମିନୀ ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବୀ ହେଉଥିବା ବେଳେ ସେପଟେ ଆସ୍ତେ ଆସ୍ତେ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସୋନପୁର କଲେଜ ର ୧୯୬୯ ମସିହା ଛାତ୍ର ମଧୁସୂଦନ ମିଶ୍ର, ସତ୍ୟନାରାୟଣ ମିଶ୍ର ଓ କଲ୍ୟାଣ ପାଢ଼ୀଙ୍କ ସହିତ ପୁରାତନ ଛାତ୍ର ସଂଘ ର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥ ଏହା କୁ ସୁଭାରମ୍ଭ କରିଥିଲେ। ଆଲୁମିନୀ ସଂଘର ଅନୁଷ୍ଠିତ କାର୍ଯକ୍ରମରେ ସମ୍ପାଦକ ଭାରତ ଭୂଷଣ ଦାଶ, ସରୋଜ ପ୍ରଧାନ, ଶ୍ୟାମାଓଁ ପ୍ରସାଦ ମିଶ୍ର, ସୁଧାଂଶୁ ମିଶ୍ର, ସୁଧୀର ପଣ୍ଡା, ଶାଶ୍ୱତ ମିଶ୍ର, ନିଶାନ୍ତ ମହାନ୍ତି, ଅଭିଷେକ ଶର୍ମା, ପ୍ରକାଶ ସାହୁ, ମନୋରଞ୍ଜନ ତ୍ରିପାଠୀ, ସ୍ୱରୂପ ପାତ୍ର, ଗୌରୀ ଶଙ୍କର ରଥ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ନୂତନ ଭାବରେ ପ୍ରତିଷ୍ଠିତ କଲେଜ ସରକାରୀ ମାନ୍ୟତା ପାଇ




ସାରିଥିବା ବେଳେ ପୁରାତନ ସୋନପୁର କଲେଜକୁ ଅଣଦେଖା କରାଯାଇଛି। କଲେଜକୁ ସରକାରୀ ମାନ୍ୟତା ପାଇଁ ଯାହା ପଦକ୍ଷେପ ନେବାକୁ ପଡେ ଆଗକୁ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ମଧ ଗ୍ରହଣ କରାଯିବା ପାଇଁ ଏହି ଅବସରରେ ବିଭିନ୍ନ ଛାତ୍ର ନେତା ପ୍ରକାଶ କରିଛନ୍ତି। ଦସ୍ତଖତ ଅଭିଯାନ ଦିନ ୧୧ ଟା ରୁ ଆରମ୍ଭ ହୋଇ ରାତ୍ର ୯ ଟା ପର୍ଯ୍ୟନ୍ତ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଜନ ସାଧାରଣ ସ୍ୱଇଚ୍ଛା ରେ ଦସ୍ତଖତ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ ଛକ ଠାରେ ସନ୍ଧ୍ୟା ୭ ଟା ବେଳେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଜଗତସିଂହପୁର ଜିଲ୍ଲା ପ୍ରଶାସନର ତ୍ରୟମାସିକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜାନୁୟାରୀ-୨୦୨୬ ଠାରୁ ମାର୍ଚ୍ଚ-୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଜାନୁୟାରୀ ମାସ ୫ ତାରିଖ ଦିନ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ଜାନୁୟାରୀ ୧୨ ତାରିଖ ଦିନ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ, ଜାନୁୟାରୀ ୧୯ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜାନୁୟାରୀ ୨୭ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଫେବୃଆରୀ ମାସ ୨ ତାରିଖ ଦିନ ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ, ଫେବୃଆରୀ ୯ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ, ଫେବୃଆରୀ ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଫେବୃଆରୀ ୨୩ ତାରିଖ ଦିନ ଏରସମା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ମାସ ୨ ତାରିଖ ଦିନ ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ,ମାର୍ଚ୍ଚ ୯ ତାରିଖ ଦିନ ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ, ମାର୍ଚ୍ଚ ୧୬ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାର୍ଚ୍ଚ ୨୩ ତାରିଖ ଦିନ କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଓ ମାର୍ଚ୍ଚ ୩୦ ତାରିଖ ଦିନ ବିରିଡ଼ି ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହିସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ,ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ- ତଥା-ନିର୍ବାହୀ ଅଧିକାରୀ, ଉପ-ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଉଅଛି।

# ବିଧାୟକଙ୍କୁ ଭେଟିଲେ ଜିଲ୍ଲା ଯାଦବ ମହାସଭା ସଭାପତି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାଯାଦବ ମହାସଭା ସଭାପତି ପ୍ରଭାକର ପଲାଇ ନୂତନ ବର୍ଷରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଯାଦବ ମହାସଭାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଶ୍ରୀ ପଲାଇ ଯାଦବ ମହାସଭାର ମୁଖ୍ୟ



କାର୍ଯ୍ୟାଳୟର ଉନ୍ନତି ପାଇଁ ବିଧାୟକଙ୍କୁ ସହ ଯୋଗ କରିବା ପାଇଁ ଅନୁରୋଧ କରିବା ସହ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିବା ପାଇଁ ଅନୁରୋଧ କରିଛନ୍ତି।

# ଖଇରାରେ ଯୁଗ୍ମ ଜନଶୁଣାଣି ୧୨୩ ଅଭିଯୋଗ

**ବାଲେଶ୍ୱରତା, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାର ଖଇରା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଖଇରା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୨୩ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୦୧ ଗୋଟି ବ୍ୟକ୍ତିଗତ ଏବଂ ୧୭ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୫ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୬ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଂଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲାପାଳ ସ୍ଥାନୀୟ ଅଞ୍ଚଳର କିଛି ଦିବ୍ୟାଙ୍ଗ ଲୋକମାନଙ୍କୁ ହ୍ୱିଲ ଚେୟାର ବଣ୍ଟନ କରିଥିଲେ। ହ୍ୱିଲ ଚେୟାର ପାଇଥିବା ଦିବ୍ୟାଙ୍ଗ ଲୋକମାନେ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ନୂଆବର୍ଷରେ କୁଳପତିଙ୍କୁ ଭେଟିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆବର୍ଷ ଉପଲକ୍ଷେ ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ଏକ ବନ୍ଧୁମିଳନ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂଘ ସଭାପତି ଡକ୍ଟର ସତ୍ୟଜିତ୍ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୨୦୨୬ ମସିହା ପାଇଁ ସମ୍ଭାବ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସଭାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ଯଜ୍ଞେଶ୍ୱର ଦଣ୍ଡପାଟ ଓ କୁଳ ସଚିବ ଶ୍ରୀମତୀ ସ୍ୱାତୀ ମିଶ୍ରଙ୍କୁ ଭେଟି ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ପରେ ପୁରାତନ ଛାତ୍ରସଂଘ କାର୍ଯ୍ୟାଳୟରେ ସଦସ୍ୟମାନେ ମତ ବିନିମୟ କରିଥିଲେ। ପୁରାତନ ଛାତ୍ରସଂଘ ଯୁଗ୍ମ କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର, ସଦସ୍ୟ ଜ୍ୟୋତି ଶଙ୍କର ପଣ୍ଡା ଏବଂ ମୁଖପତ୍ର ଉତ୍କଳାୟନ ସମ୍ପାଦକ ମଣ୍ଡଳୀ ସଭ୍ୟ ଶତ୍ରୁଜିତ୍ ବାଣୀବିହାର ବିଷୟବସ୍ତୁ ଉପରେ କବିତା ପାଠ କରିଥିଲେ। ବନ୍ଧୁମିଳନରେ ପୁରାତନ ଛାତ୍ରସଂଘ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ, ଉପସଭାପତି ରଘୁନାଥ ପୃଷ୍ଟି, କୋଷାଧ୍ୟକ୍ଷ ଡକ୍ଟର ଅମୀୟ କୁମାର ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଡକ୍ଟର ବୀରକିଶୋର ଦାଶଙ୍କ ସମେତ ବହୁ ସଦସ୍ୟସଦସ୍ୟା ଯୋଗ ଦେଇଥିଲେ।

# 'କଙ୍କୋରଡା ମହାବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ଶୈକ୍ଷିକ ବାତାବରଣ ବଦଳାଇଛି'

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଞ୍ଚଳର ପ୍ରଥମ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ଜଣାଶୁଣା କଙ୍କୋରଡ଼ା ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ୪୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅଞ୍ଚଳ ବିଶିଷ୍ଟ ବ୍ୟକ୍ତି ବିଶେଷ, କଲେଜ ଛାତ୍ରଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ କର୍ମଚାରୀଙ୍କ ସମେତ ପୂର୍ବତନ ଛାତ୍ରଛାତ୍ରୀ ଏବଂ ଅଞ୍ଚଳ ବୁଦ୍ଧିଜୀବୀଙ୍କ ସମାବେଶରେ ଆୟୋଜିତ ଏହି ଉତ୍ସବର ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ସଭାପତି ନରସିଂହ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବେ କଲେଜର ପ୍ରାକ୍ତନ ଅଧ୍ୟାପକ ଅଧ୍ୟକ୍ଷ ତଥା ପରିଚାଳନା କମିଟି ଅଧ୍ୟକ୍ଷ ଡ଼ଃ ହରେକୃଷ୍ଣ ନାୟକ ଯୋଗଦେଇଥିବା ବେଳେ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥିଙ୍କ ଗହଣରେ ମଞ୍ଚାସୀନ ଓଡ଼ିଆ ଅସ୍ମିତାର ଦେବତା ଶ୍ରୀ ଜଗନ୍ନାଥଙ୍କ ଠାରେ



ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ଅତିଥି ସମ୍ବର୍ଦ୍ଧନା ସମ୍ପନ୍ନ ହୋଇଥିଲା। ମଞ୍ଚାସୀନ ଅତିଥି ସମୂହ ନିଜନିଜ ଅଭିଭାଷଣରେ ତତ୍କାଳୀନ ନିପଟ ମଫସଲ ଅଞ୍ଚଳ ଭାବେ ଜଣାଶୁଣା ଏହି ଅଞ୍ଚଳର ସମସାମୟିକ ଦୂରଦର୍ଶୀ ବିଜ୍ଞ ବ୍ୟକ୍ତିତ୍ୱ ଏବଂ ବୁଦ୍ଧିଜୀବୀଙ୍କ ଅଶେଷ ପରାକାଷ୍ଠାରେ ମହାବିଦ୍ୟାଳୟ ସ୍ଥାପନରେ ଅଞ୍ଚଳର ଶୈକ୍ଷିକ ବାତାବରଣ ବଦଳିଥିବା ପ୍ରକାଶ କରିଥିଲେ। ଏଥିସହ ଜିଲା ଆଉ ରାଜ୍ୟ ସ୍ତରରେ ମହାବିଦ୍ୟାଳୟ ଆଉ ମହାବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ପାଇଁ ଅଞ୍ଚଳର ସୁନାମ ରହିଥିବା ବ୍ୟକ୍ତ କରିଥିଲେ। ସର୍ବୋପରି କଲେଜର ପ୍ରତିଷ୍ଠାତା ସଭାପତି ଶ୍ରୀ ପାଣିଗ୍ରାହୀ ଏବଂ ସାମ୍ପ୍ରତିକ ବିଧାୟକ ଶ୍ରୀ ଜେନା ନିଜ କଲେଜ ଭାବେ କରୁଥିବା ଅକୁଣ୍ଠ ସହଯୋଗକୁ ଶ୍ରେୟ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଲେଜ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ସୁର ସଙ୍ଗମ ମେଲୋଡି ସହ ସଂସ୍କାର ଧର୍ମୀ ସାମାଜିକ ନାଟକ 'କେଉଁ ଦେବତାଙ୍କ ଆଶୀର୍ବାଦ' ପରିବେଷଣ ହୋଇଥିଲା। ଏଥି ସହିତ ପୂର୍ବ ଆୟୋଜିତ କଲେଜ ସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ସିଲଡ ପ୍ରଦାନ ସହ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ରବୀନ୍ଦ୍ର ବେହେରା, ଅଶୋକ ନାୟକ, ନାଟ୍ୟ ସଂସଦ ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ନାୟକ, ସାଂସ୍କୃତିକ ସଂସଦ ଉପଦେଷ୍ଟା ଅଧ୍ୟାପକ ସଞ୍ଜୀବ ସାହୁ, ଇଂରାଜୀ ଅଧ୍ୟାପିକା ପ୍ରିୟଙ୍କା ଜେନା ପ୍ରମୁଖଙ୍କ ସହ ଅଧ୍ୟାପକ କର୍ମଚାରୀ ଛାତ୍ରଛାତ୍ରୀ ପ୍ରମୁଖ ଉତ୍ସବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୟୂରଭଞ୍ଜରେ ୧୨୭ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ

**ବାରିପଦା, ନ୍ୟୁଜ ବ୍ୟୁରୋ**

ବାରିପଦା ସ୍ଥିତ ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୧୨୭ ଜଣ ବରିଷ୍ଠ ସଦସ୍ୟଙ୍କୁ ଆଜି ଏକ ଭବ୍ୟ ପରିବେଶ ମଧ୍ୟରେ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରା ଯାଇଛି। ଅନୁଷ୍ଠାନର ସଭାପତି ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ମଧୁବନ ସ୍ଥିତ କେମିଷ୍ଟ ଆନଣ୍ଡ ଡ୍ରଗିଷ୍ଟ ଅସୋସିଏସନ ସମ୍ମିଳନୀ କକ୍ଷରେ ଆଜି ଏହି ପରିଚୟ ପତ୍ର ପ୍ରଦାନ କରା ଯାଇଛି। ଅନୁଷ୍ଠାନର କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜବନ ପୃଷ୍ଟି ଅତିଥି ମାନଙ୍କୁ ମଞ୍ଚକୁ ଆବାହନ କରିବା ପରେ ପଣ୍ଡିତ ଭାଗବତ ପଣ୍ଡାଙ୍କ ମଙ୍ଗଳାଚରଣ ପାଠ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତିଙ୍କ ପ୍ରାରମ୍ଭିକ ସମ୍ଭାଷଣ ପରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବାରିପଦା ପୌରାଞ୍ଚଳର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ବକ୍ତା ଶିକ୍ଷାରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବାରୁଣୀ ଘାଟ ଶ୍ମଶାନକୁ ଶବ ନେଇ ଯାଉଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଚା' ପାଣି ଆଦି ବ୍ୟବସ୍ଥା କରିବା, ଦେବୋତ୍ତର ଜାଗାରେ ଗୋ-ଶାଳା ପ୍ରତିଷ୍ଠା କରିବା ଓ ଏକ ସଦଭାବନା ଗୃହ ପ୍ରତିଷ୍ଠା କରିବା ଭଳି ପ୍ରସ୍ତାବ ରଖିଥିଲେ। ମୁଖ୍ୟବକ୍ତା ସାମ୍ବାଦିକ ଡ. ବିଜୟ ଅଗ୍ରୱାଲା ଅନୁଷ୍ଠାନ ର ଉନ୍ନତି ମୂଳକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିବା ସହ ବଳଙ୍ଗ ଆଡିବନ୍ଧ ନିର୍ମାଣ ଓ ପ୍ରସ୍ତାବିତ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନଗରପାଳ ଓ ଉପଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ଓଜସ୍ୱିନୀ ବକ୍ତବ୍ୟ ମାଧ୍ୟମରେ ସମସ୍ତ ବରିଷ୍ଠ ନାଗରିକ ମାନଙ୍କ ହୃଦୟରେ ସକାରାତ୍ମକ ଚିନ୍ତା ଓ ଚେତନା ସ୍ଥାନ ପାଇବା ଉଚିତ ଏବଂ ସମାଜ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କଥା ଉଲ୍ଲେଖ କରିଥିଲେ।



ଅନୁଷ୍ଠାନର ପ୍ରମୋଟର ବିକ୍ରମ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଇଶହରୁ ଅଧିକ ବରିଷ୍ଠ ନାଗରିକଯୋଗ ଦେଇଥିଲେ। ପରିଶେଷରେ ଅନୁଷ୍ଠାନର ଉପସଭାପତି ରଘୁନାଥ ପଣ୍ଡା ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭାସାଙ୍ଗ ହୋଇଥିଲା। ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ସୁବୋଧ କୁମାର ପଲେଇ, ଈଶ୍ୱର ଚନ୍ଦ୍ର ଦାସ, ନନୀଗୋପାଳ ମହାନ୍ତି ତଥା କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ନାୟକ ଓ ସଦସ୍ୟ କ୍ଷେମରାଜ ଅଗ୍ରୱାଲା ପ୍ରମୁଖଙ୍କ ସମେତ ଅନ୍ୟମାନେ ସହାୟତା କରିଥିଲେ ?

# ପୂର୍ବତନ ବିଧାୟକ ଦୈତାରୀ ବେହେରାଙ୍କ ଶ୍ରାଦ୍ଧୋତ୍ସବ ଓ ସ୍ମୃତିସଭା

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ବ୍ଲକ୍ ଅଧୀନସ୍ଥ ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ ନିଜ ଗ୍ରାମ ସୁବଳୟାସ୍ଥ ଗୋପାଳ କୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯଥାକ୍ରମେ ଗଞ୍ଜାମ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ,ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ,ବରିଷ୍ଠ ସାମ୍ବାଦିକ ଶ୍ରୀ ସୁଦର୍ଶନ ଛୋଟରାୟ, ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ସି ଏଚ୍ ସୁଧାକର , ଗଞ୍ଜାମ ଜିଲ୍ଲା ବିଜେପି ସାଧାରଣ ସଂପାଦକ ଅନିଲ ପଣ୍ଡା, ଦୁର୍ଯ୍ୟୋଧନ ରେଡ୍ଡି,ଅବସର ପ୍ରାପ୍ତ ଗଂଜାମ ଶିକ୍ଷା ଜିଲ୍ଲା ଅଧିକାରୀ ନିରଞ୍ଜନ ତ୍ରିପାଠୀ, ଶ୍ରମିକ ନେତା ଶଙ୍କର ଦାଶ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ହରିକୃଷ୍ଣ ରେଡ୍ଡି, କବି ପ୍ରଶାନ୍ତ ମହାନ୍ତି,ଅବସର ପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଶିକ୍ଷାଧୀକାରୀ ଲିଙ୍ଗରାଜ



ସ୍ୱାଇଁ ଯୋଗ ଦେଇଥିଲେ। ଏହି ସ୍ମୃତି ଚାରଣ ସଭାରେ ପୂର୍ବତନ ଉପ ବାଚସ୍ପତି ରାମ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଇଁ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କୁ 'ଦୈତାରୀ ପ୍ରତିଭା ସମ୍ମାନ- ୨୦୨୬ 'ରେ ସମ୍ମାନିତ କରାଯାଇଥିଲା। ସଭାର ଅବ୍ୟବହିତ ପୂର୍ବରୁ ଅତିଥି ମାନଙ୍କ ଦ୍ୱାରା ଗୋପାଳ କୃଷ୍ଣ ଉଚ୍ଚ ବିଦ୍ୟାଳୟ ଓ ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ପରିସରସ୍ଥିତ ଶ୍ରୀ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସ୍ମୃତି ଚାରଣ ସଭାର ପ୍ରାରମ୍ଭରେ ପୂଜ୍ୟ ପୂଜା ସ୍ମୃତି ପରିଷଦ, ସୁବଳୟାର ସଭାପତି ତଥା ଅବସର ପ୍ରାପ୍ତ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ ଅତିଥି ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାର ଶୁଭାରମ୍ଭ କରା ଯାଇଥିଲା। ଶିକ୍ଷକ ଗଣେଶ ଚନ୍ଦ୍ର ଦଳ ବେହେରା ମନ୍ତ୍ର ପାଠ କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ ପରେ ପରେ ଅତିଥି ମାନେ ସ୍ୱର୍ଗତ ବେହେରାଙ୍କ ସମାଜ ପ୍ରତି ଅବଦାନର ସ୍ମୃତି ଚାରଣ କରିଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଶ୍ରୀ ପଟ୍ଟନାୟକ ଜନ ସାଧାରଣଙ୍କୁ ଶ୍ରୀ ବେହେରାଙ୍କ ଉତ୍ସର୍ଗୀକୃତ ସେବା ମନୋଭାବରେ ଗଢି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଜଣେ ସାଧାରଣ ବ୍ୟକ୍ତି ନିଜର କର୍ତ୍ତବ୍ୟ ନିଷ୍ଠା, ଅଧ୍ୟବସାୟ,ତ୍ୟାଗ, ତିତୀକ୍ଷା ଓ ସାଧନା ବଳରେ ସରପଞ୍ଚରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ଦୁଇ ଥର ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବିଧାୟକ ହେବା ଆମ ପାଇଁ ପ୍ରେରଣା ଦାୟୀ ଅଟେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବାନାମ୍ବର ପଲାଇ, ଗୋକୁଳ ଚନ୍ଦ୍ର ନାହାକ, ସମାଜ ସେବୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବିଜୟ ବେହେରା, ନାରାୟଣ ନାହାକ, ଭୀମସେନ ବେହେରା, ମହେଶ୍ୱର ବରାଡ, ସଞ୍ଜୟ ଜେନା, ଖଲ୍ଲିକୋଟ ପୂର୍ବତନ ଏନ୍ ଏ ସି ଅଧ୍ୟକ୍ଷ ରାମ ମୋହନ ପଣ୍ଡା ପ୍ରମୁଖ ସ୍ମୃତି ଚାରଣ କରି ଥିଲେ। ସଭା ଶେଷରେ ସମ୍ପାଦକ ଶ୍ରୀ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭେନେଜୁଏଲା ଉପରେ ଆମେରିକାର ବଡ଼ ଆକ୍ରମଣ, ଥରି ଉଠିଲା ରାଜଧାନୀ କାରାକାସ

ଭେନେଜୁଏଲା ଉପରେ ପ୍ରଚଣ୍ଡ ଆକ୍ରମଣ। ଥରି ଉଠିଲା ରାଜଧାନୀ କାରାକାସ। ମିଲିଟାରୀ ବେସ ଉପରେ ବୋମାମାଡ଼। ଆମେରିକାର ହାତ ଥିବା ଅଶଙ୍କା। ଏନେଇ ୱାଶିଂଟନ କିମ୍ବା ଭେନେଜୁଏଲା ସରକାରଙ୍କ ପକ୍ଷରୁ ମିଳିନି କୌଣସି ସୂଚନା। ଶନିବାର ରାତି ପ୍ରାୟ ୨ଟା ସମୟରେ ଭେନେଜୁଏଲାର ରାଜଧାନୀ କାରାକାସରେ ଅତି କମରେ ସାତଟି ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ସହରରେ ଧୂଆଁ ଉଠିଥିବା ଦେଖାଯାଇଥିଲା। ସ୍କାଇ ନ୍ୟୁଜ୍ ଆରାବିଆ ଦାବି କରିଛି ଯେ, ଭେନେଜୁଏଲାର ପ୍ରତିରକ୍ଷା ମନ୍ତ୍ରୀଙ୍କ ଘର ଏବଂ ସାମରିକ ଘାଟିକୁ ଟାର୍ଗେଟ କରାଯାଇଛି। ଶନିବାର ରାତିରେ ଭେନେଜୁଏଲାର ରାଜଧାନୀ କାରାକାସରେ CNNର ଏକ ଟିମ ଅନେକ ବିସ୍ଫୋରଣ ଦେଖିଥିଲେ। ପ୍ରଥମ ବିସ୍ଫୋରଣ ସ୍ଥାନୀୟ ସମୟ ପ୍ରାୟ ୧ଟା ୫୦ ସମୟରେ ହୋଇଥିଲା। ବିସ୍ଫୋରଣ ପରେ, କାରାକାସର ଅନେକ ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲା। ଅନେକ ବିମାନ ମଧ୍ୟ ଉପର ଦେଇ ଉଡୁଥିବାର ଦେଖାଗଲା। ଭେନେଜୁଏଲା ସରକାର ଏହି ଘଟଣା ଉପରେ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହାଁନ୍ତି। ବିସ୍ଫୋରଣ ଶୁଣି ସହରର ବିଭିନ୍ନ ଅଞ୍ଚଳର ଲୋକମାନେ ଘରୁ ବାହାରକୁ ଆସିଥିଲେ। କାରାକାସର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟକ ଲୋକଙ୍କୁ ଦେଖିବାକୁ ମିଳିଥିଲା। ତେବେ ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ବର୍ତ୍ତମାନ ଉତ୍ତେଜନା ବୃଦ୍ଧି ପାଉଛି। ଟ୍ରମ୍ପ ପୂର୍ବରୁ ଚେତାବନୀ ଦେଇସାରିଛନ୍ତି ଯେ, ଭେନେଜୁଏଲା ବିରୁଦ୍ଧରେ ସ୍ଥଳ ଆକ୍ରମଣ ସମ୍ଭବ। ଏହା ସହିତ, ଆମେରିକା ସେନା କାରିବିଆନ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଡ୍ରଗ୍ସ ଚାଲାଣ ଅଭିଯୋଗରେ ଅନେକ ଡଙ୍ଗା ଉପରେ ଆକ୍ରମଣ କରିଛି। ଆମେରିକୀୟ ସେନା ଅନୁଯାୟୀ, ଏହି ସାମୁଦ୍ରିକ ଅଭିଯାନରେ ଏପର୍ଯ୍ୟନ୍ତ ଅତି କମରେ ୩୦ ଟି ଆକ୍ରମଣରେ ୧୦୭ ଜଣଙ୍କର ମୃତ୍ୟୁ ହୋଇଛି। ଟ୍ରମ୍ପ ବାରମ୍ବାର କହିଛନ୍ତି ଯେ, ଭେନେଜୁଏଲାରେ ମାଡୁରୋଙ୍କୁ କ୍ଷମତା ଛାଡିବା ନେଇ ଚାପ ପକାଇବା ପାଇଁ ଭୂମିଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ଏବଂ ଏଥିପାଇଁ କଠୋର କଟକଣା ମଧ୍ୟ ଲଗାଇଛନ୍ତି। କିନ୍ତୁ ମାଡୁରୋ ଅପରାଧରେ କୌଣସି ସମ୍ପୃକ୍ତିକୁ ଦୃଢ଼ ଭାବରେ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଆମେରିକା ତାଙ୍କୁ କ୍ଷମତାରୁ ହଟାଇ ଭେନେଜୁଏଲାର ବିଶାଳ ତୈଳ ସଂରକ୍ଷଣ ଏବଂ ଖଣିଜ ସମ୍ପଦ ଉପରେ ପ୍ରବେଶ କରିବାକୁ ଚାହୁଁଛି।ଏହି ଆକ୍ରମଣ ପୂର୍ବରୁ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାକୁ ବାରମ୍ବାର ଚେତାବନୀ ଦେଇଥିଲେ ଯେ, ଆମେରିକା ଭେନେଜୁଏଲାରେ ନିଶା କାରବାର ନେଟୱାର୍କ ବିରୁଦ୍ଧରେ ନୂତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛି।

# ସାତଭାୟାର ଆତ୍ମକାହାଣୀ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ମୁଁ ସାତଭାୟା। ଜିଲ୍ଲା କେନ୍ଦ୍ରାପଡ଼ା, ପ୍ରଦେଶ ଓଡ଼ିଶା। ସାତଭାଇର ଗାଁ - ଏକଥା ଜନେ କହନ୍ତି। ସେଦିନ ଦେଖିଥିଲି ଏଇ ଗାଁମାନଙ୍କର ହସ-ସରସ ସଂସାର। ଆନନ୍ଦରେ ମୋ ଛାତି କୁଣ୍ଢେମୋଟ। ମୋ ଚାରିପାଖରେ ହେନ୍ତାଳ ସୁନ୍ଦରୀ - ଚିର ସବୁଜିମା ବିମଣ୍ଡିତା। ନାନାଜାତି ପକ୍ଷୀଙ୍କର କିଚିରି ମିଚିରି ସ୍ୱନ; ବଣୁଆ ଜୀବଜନ୍ତୁଙ୍କର ଲୀଳାଖେଳା। ନିତି ସୂର୍ଯ୍ୟ ଉଠନ୍ତି ପୂର୍ବ ଆକାଶରେ। ବାଳରବିଙ୍କର ପହିଲି କିରଣ। ଦରିଆ ସୁନ୍ଦରୀର ଛୋଟବଡ଼ ହିଲ୍ଲୋଳ। ସ୍ୱର୍ଣ୍ଣରେଣୁ ବିଛାଡ଼ି ହେଇଥାଏ। ଅପୂର୍ବ ସେ ଦୃଶ୍ୟ। ପ୍ରତି ମୁହୂର୍ତ୍ତ, ସାଗର କନ୍ୟାର ଗୁରୁଗମ୍ଭୀର ଗର୍ଜନ, ସଞ୍ଜ ନଇଁ ନଇଁ ଆସେ। ପଶ୍ଚିମ ଆକାଶରେ ସୂର୍ଯ୍ୟଙ୍କର ଅସ୍ତରାଗ, ଭାରୀ ମନଲୋଭା। ଦେଖଣାହାରୀଏ ବିଭୋର। କେନ୍ଦ୍ରାପଡ଼ା ଇତିହାସରେ ମୋ ନାଁ ସ୍ୱତନ୍ତ୍ର। ଏକଦା ମୋତେ ନିତି ସ୍ପର୍ଶ କରୁଥିଲେ ବଙ୍ଗୋପସାଗରର ନୀଳ ଲହରୀମାଳା। ମୋ ଚାରିପାଖ ପ୍ରକୃତି ବିଚିତ୍ରବର୍ଣ୍ଣା। ଆକର୍ଷିତ ଶହଶହ ପର୍ଯ୍ୟଟକ। ମୋ ପାଖକୁ ଲାଗି ପକ୍ଷୀ ଅଭୟାରଣ୍ୟ, ଅଦୂରରେ ଡାଙ୍ଗମାଳ କୁମ୍ଭୀର ପ୍ରୋଜେକ୍ଟ। ଦେଶବିଦେଶର ଲୋକଙ୍କ ମନ କିଣିନିଏ। ତା' ସହିତ ମୋତେ ଦେଖିବାର ଲୋଭ ସମ୍ବରଣ କରିପାରନ୍ତିନି। ଦଳଦଳ ହୋଇ ହାଜର ମୋ ବେଳାଭୂମିରେ। ଢେର୍ ଆନନ୍ଦ ପାଆନ୍ତି। ସତରେ ମୁଁ କେଡ଼େ ଭାଗ୍ୟବାନ ସତେ !

ମୋ ପାଖକୁ ଆସିବା, ଟିକିଏ ଜଟିଳ; ମାତ୍ର ପରିଶ୍ରମର ସ୍ୱାଦ ଭାରି ମିଠା। ରାଜନଗର ବେଳାଭୂମି, ମୋର ସଠିକ୍ ଠିକଣା। ରାଜନଗର ତହସିଲରେ ମୁଁ ଗଣା। ରାଜନଗର ଠାରୁ ମୋର ଦୂରତା ୪୫ କି.ମି.। ମଟରଯାନ ସଂଯୋଗରୁ ମୁଁ ବଞ୍ଚିତ। ଆସୁଥିବା ପର୍ଯ୍ୟଟକ; ଲଞ୍ଚ୍ କିମ୍ବା ବୋଟ୍ ଯାତ୍ରା କରନ୍ତି। ଅଥବା ରାଜନଗରରୁ ଗୁପ୍ତି, ସେଠାରୁ ସୁନେଇ ରୁପେଇ ଜଙ୍ଗଲ ମଝି ରାସ୍ତା, ଆଗକୁ ଗଲେ ବାଉଁଶନଳୀ ଗଳିଆ। ଏହାକୁ ପାରିହେଲେ ପହଞ୍ଚିବେ ମୋ ପାଖରେ। ମୋର ବିଶେଷ ପ୍ରସିଦ୍ଧି ପଞ୍ଚବରାହୀଙ୍କ ପାଇଁ। ସାଧବପୁଅ ବିଦେଶରୁ ଆଣିଥିଲେ ଏଇ ପଞ୍ଚପ୍ରତିମା। ସ୍ଥାପନ କଲେ ଦରିଆ କୂଳରେ, ଏଇ ପଞ୍ଚବରାହୀ - ବାଟକୁମାରୀ, ଜଞ୍ଜାଳୀ, କାମକାଇ, ବିମଳାଇ, ପଞ୍ଚବରାହୀ। ଏମାନଙ୍କର ଉଚ୍ଚତା ପ୍ରତିଟିର ୩ ଫୁଟ୍। କଳା ମୁଗୁନି ପଥରରେ ତିଆରି। ସେମାନେ ଉଲଗ୍ନ ଅବସ୍ଥାରେ, ମୂର୍ତ୍ତିମାନଙ୍କର ଗୋଡ଼ ତଳକୁ। ଏକ ପିଣ୍ଡି ଉପରେ ଧାଡ଼ିରେ ବସିଛନ୍ତି। ଚାହିଁଛନ୍ତି ଦୂର ଦରିଆକୁ। ପ୍ରତ୍ୟେକ ମୂର୍ତ୍ତି, ଡାହାଣ ହାତରେ ମାଛ, ବାମ ହାତରେ ଖପୁରୀ। ଓଡ଼ିଶାରେ ଢେର୍ ମାତୃମୂର୍ତ୍ତି; ମାତ୍ର ମୋ ପଞ୍ଚବରାହୀମାନଙ୍କର ଶରୀର ଗଠନ ସ୍ୱତନ୍ତ୍ର। ଅନ୍ୟ କୌଣସି ମୂର୍ତ୍ତି ସହ ସାମଞ୍ଜସ୍ୟ ନାହିଁ। ସପ୍ତମାତୃକା କୋଳରେ ଗୋଟିଏ ଗୋଟିଏ ଶିଶୁ। କିନ୍ତୁ ପଞ୍ଚବରାହୀଙ୍କର ସେପରି ମୁଦ୍ରାରେ ନାହାନ୍ତି। ସାଧବମାନଙ୍କର ଦରିଆପାରି ବେପାର। ମା'ଙ୍କ ନିକଟରେ ଶୁଭ ମନାସନ୍ତି। ଯାତ୍ରା ବିଶାଳ ଦରିଆରେ - ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବାଲି ଦ୍ୱୀପ; ଏପରିକି ସିଂହଳ, ମାଲେସିଆ, ରୋମ୍ ଯାଏ। ସାଧବାଣୀର ବୋଇତ ବନ୍ଦାଣ; ବୋଇତ ମଙ୍ଗଳରେ ମା' ମଙ୍ଗଳା। ହୁଳହୁଳି, ଶଙ୍ଖଧ୍ୱନି, ମୋ କୋଳ କଲ୍ଲୋଳିତ; ମୁଁ ଖୁସିରେ ବିଭୋର।

ମୁଁ ମୂକସାକ୍ଷୀ। ପଞ୍ଚବରାହୀ ପ୍ରାଚୀନ ଉତ୍କଳର ଏକ ପ୍ରଧାନ ତନ୍ତ୍ରପୀଠ। ପଞ୍ଚବରାହୀଙ୍କ ମୂର୍ତ୍ତି ଗଠନ କଳା, ଏମାନେ ଭୌମକର ଶାସନକାଳ (୪୭୪ ଖ୍ରୀ.-୧୧୩୨ ଖ୍ରୀ)ରେ ନିର୍ମିତ। ପଞ୍ଚବରାହୀଙ୍କର ସ୍ୱତନ୍ତ୍ର ପୂଜୋପାସନା ବିଧି। ପୁରୁଷମାନଙ୍କ ପାଇଁ ସମ୍ମୁଖପଟୁ ଦର୍ଶନ ନିଷିଦ୍ଧ, ସ୍ପର୍ଶ ମଧ୍ୟ ମନା। ମଙ୍ଗଳବାର ମୂର୍ତ୍ତିମାନେ ଋତୁବତୀ। ଏ ଦିନ ଉଭୟ ନାରୀ-ପୁରୁଷ ଉଭୟଙ୍କୁ ଦର୍ଶନ ମନା। ଅହିଅ କେଳା ଜାତିର ମହିଳା, ମା'ଙ୍କର ସେବିକା। ପଞ୍ଚବରାହୀ ଦୁଇବଖରା ଛାତ ଘରେ ସ୍ଥାପିତା। କନିକାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ଏଇ ଛାତଘରର ନିର୍ମାତା। ଘରଟିର ନିର୍ମାଣ ଶୈଳୀ ସ୍ୱତନ୍ତ୍ର। ମୋ ଚାରିପାଖରେ ସାଗରର ଗୁରୁଗମ୍ଭୀର ଗର୍ଜନ; ମାତ୍ର ମନ୍ଦିର ମଧ୍ୟସ୍ଥ ପରିସର ଶାନ୍ତ। ଠିକ୍ ଶ୍ରୀମନ୍ଦିର ପରି। ସମୁଦ୍ରର ଭୀମ ଗର୍ଜନର ସ୍ୱର ମନ୍ଦିରରେ ଶ୍ରୁତିଗୋଚର ହୁଏ ନାହିଁ। ବର୍ଷକର ନାନା ପର୍ବ-ପର୍ବାଣି, ମେଳା ମଉଛବ। ଗ୍ରାମବାସୀ ଭକ୍ତିରସାର୍ଦ୍ର। ଅନୁରୂପ ଭାବେ ଶହଶହ ପର୍ଯ୍ୟଟକ। ଦେବୀପୀଠ କୋଳାହଳ, ଗହଳ ଚହଳ। ମୋ ଗର୍ବ କହିଲେ ନ ସରେ। ମା'ଙ୍କୁ ଛାତିରେ ସ୍ଥାନ ହେଇଛି; ମୋ' ଠାରୁ ବଡ଼ ଭାଗ୍ୟବାନ କିଏ ? ମହାବିଷୁବ ପଣାସଂକ୍ରାନ୍ତି, ଦଶହରା ଦୁର୍ଗାପୂଜା, ମା'ଙ୍କ ମୁଖ୍ୟ ମହୋତ୍ସବ।

ମୁଁ ତ 'ସାତଭାୟା'। ମୋ ଆଖପାଖ ଆଉ ଛ' ଗାଁ। ଏସବୁକୁ ନେଇ 'ସାତଭାୟା'। ଗୋବିନ୍ଦପୁର, କାନପୁର, ମରାପଦା, ବସନ୍ତସାହି, ଖରିକୁଲା, ମହନପୁର - ଏମିତି ସାତଭାୟା। ତଅପୋଇର ଓଷା କଥାର ସାଧବ ସାତଭାଇ - ଏମାନଙ୍କ ନାଁରେ ମୁଁ 'ସାତଭାୟା'। ତଅପୋଇ କିମ୍ବଦନ୍ତୀଟି ଏମିତି : ଥିଲେ ଜଣେ ନୀର ସାଧବ, ତନୟବନ୍ତ। ତଳଧ୍ୱଜ ରାଜ୍ୟ, ତା'ର ଅନେକ ସାଧବ। ରାଜ୍ୟଟି ଧନଧାନ୍ୟରେ ପରିପୂର୍ଣ୍ଣ। ଜମ୍ବୁଦ୍ୱୀପର ରତ୍ନଗିରି ତାକୁ ବେଢ଼ିଛି ଲବଣ ସାଗର। ସେଇ ରାଜ୍ୟ ବାଣିଜ୍ୟ ପାଇଁ ପ୍ରସିଦ୍ଧ। ତନୟବନ୍ତ ସାଧବର ସାତ ପୁଅ, ସାତବୋହୂ। ଏକମାତ୍ର କନ୍ୟା ଅଲିଅଳୀ ତଅପୋଇ। ନିତିପ୍ରତି ସାଙ୍ଗମେଳରେ। ହାତରେ ବାଉଁଶ କୁଲେଇ। କାହୁଁ ଆସିଲା ବିଧବା ବ୍ରାହ୍ମଣୀ, ତଅପୋଇ କାନରେ ମନ୍ତ୍ରଫୁଙ୍କିଲା। ବାପା, ମା'ଙ୍କ ପାଖରେ ଏକ ଜିଦ୍। ଲୋଡ଼ା ସୁନାଚାନ୍ଦ, ରୁପା କୁଲେଇ। କୁଶଳୀ ବଣିଆମାନେ ଆସିଲେ, ଏଇ ଦୁଇ ମୂଲ୍ୟବାନ ବସ୍ତୁ ଗଢ଼ା ଚାଲିଲା। ସାଧବ ମଲା ଅଧାଚାନ୍ଦେ, ସାଧବାଣୀର ବିଦାୟ ପୂରାଚାନ୍ଦ ଗଠନ ପରେ। ପିତାମାତାଙ୍କ ଶୁଦ୍ଧିକ୍ରିୟା ସମାପ୍ତ, ବାହାରିଲେ ସାତଭାଇ ବାଣିଜ୍ୟ କରି। ଅଲିଅଳୀ ତଅପୋଇ ଭାଉଜଙ୍କ ପାଖରେ। ଭାଉଜମାନେ ଉଣାକଲେନି ତଅପୋଇରେ ସେବାରେ। ପୁଣି ଆସିଲା ସେଇ ବ୍ରାହ୍ମଣୀ, ବିଷାକ୍ତ କରିଦେଲା ଭାଉଜମାନଙ୍କ ମନ। ନୀଳାଦ୍ରି ନାମେ ସାନଭାଉଜ। ତଅପୋଇର ଆଦର ଯତ୍ନରେ ହେଳା କଲାନି; ମାତ୍ର ସମାଜ ବଡ଼ ବିଚିତ୍ର, ବଡ଼ମାନଙ୍କର କଥା, ଅବମାନନା ସମାଜ ବିରୋଧୀ। ଭାଉଜ ମାନେ ତଅପୋଇକୁ ଛେଳି ଚରାଇବାକୁ ବାଧ୍ୟ କଲେ। ଯୋର୍ ବର୍ଷା, ବିଜୁଳିର ଚମକ, ବଜ୍ରର ନିର୍ଘୋଷ। ଘରମଣି ହଜିଲା। ।' ଭାଉଜଙ୍କ ତାଡ଼ନା। ଘରମଣିକୁ ଖୋଜିଲା ତଅପୋଇ ଘନ ଜଙ୍ଗଲରେ। ନିଶା ଗରଜୁଥିଲା। ଭାଦ୍ରବ ମାସ ରବିବାର। କ୍ରନ୍ଦନରତା ତଅପୋଇ, ଘରମଣିକୁ ଡାକୁଥିଲା ଉଚ୍ଚସ୍ୱରରେ। ଗ୍ରାମଦେବତୀ - ମଙ୍ଗଳା ପ୍ରତିମା, ତଅପୋଇ ଝୁଣ୍ଟିପଡ଼ିଲା। କାନିରେ ବନ୍ଧା ଖୁଦକଣିକା, ନୈବେଦ୍ୟ ସଅଁପିଲା। ଭାଇମାନଙ୍କର ଆଗମନ କାମନା କଲା। ମା' ଡାକ ଶୁଣିଲେ। ଝାଡ଼ ଜଙ୍ଗଲ କଡ଼ରେ ସାଧବଭାଇଙ୍କ ବୋଇତ। ଅତି ନିକାଞ୍ଚନ, ଜଣେ କ୍ରନ୍ଦନରତାଙ୍କ କରୁଣ ଡାକ। ଭାଇମାନଙ୍କ ସହ ତଅପୋଇର ମିଳନ, ବୋଇତ ମଙ୍ଗତରେ ମଙ୍ଗଳା ରୂପରେ ତଅପୋଇ ବସିଲା, ନିର୍ଯାତନା ଦେଉଥିବା ଛ' ଭାଉଜଙ୍କ ନାକ କାଟିଲା, ସେମାନେ ଲଜ୍ଜା ଅପମାନରେ ପଳାଇଲେ। ଶେଷରେ ବ୍ୟାଘ୍ର ଭାଲୁଙ୍କର ଶିକାର ହେଲେ। ସାନଭାଉଜ, ସାତଭାଇଙ୍କ ମେଳରେ ତଅପୋଇ - ସୁଖରେ ଦିନ କଟିଲା - ଏଇଠି କିମ୍ବଦନ୍ତୀର ଶେଷ। ଲୋକେ କହନ୍ତି ଏ କିମ୍ବଦନ୍ତୀର କଥା; ମାତ୍ର ମୁଁ ବଖାଣୁଛି ସତ କଥା।

ମୋ କୋଳରେ ଜନବସତି। ଅନେକ ମାଝି, କୈବର୍ତ୍ତ, ସାଧବ। ସମୁଦ୍ରକୂଳିଆ ଅଞ୍ଚଳ। ଅଝାଳଟଣା ବୋଇତ, ଆସେ କାର୍ତ୍ତିକ ପୁନେଇଁ। ଦକ୍ଷିଣ ପଶ୍ଚିମ ମୌସୁମୀର ବିଦାୟପର୍ବ। ଉତ୍ତର-ପୂର୍ବ ମୌସୁମୀ, ଅନୁକୂଳ ପବନ। ସାଧବମାନଙ୍କର ନୌଯାତ୍ରା। ଫେରନ୍ତି ପୁନଶ୍ଚ ମୌସୁମୀ ପ୍ରବାହ ପ୍ରାରମ୍ଭରେ। ଆଶ୍ୱିନ, କାର୍ତ୍ତିକ, ମାର୍ଗଶୀର, ବୈଶାଖ - ଏଇ ଚାରିମାସ, ବେପାର ବଣିଜ। ମୋ ନାଁ ସାତସାଧବଙ୍କ ନାଁରେ। ସେମାନେ ବୋଇତରେ ଯିବା, ଆଷାଢ଼ରେ ଫେରି ଆସିବା, ତଅପୋଇକୁ ପାଇବା - ଏସବୁ ମୋ ଆଖିଦେଖା କଥା, କିମ୍ବଦନ୍ତୀ ନୁହେଁ। ଅନେକ ଗବେଷକ, ବକ୍ତା, ଐତିହାସିକ। ଆମକଥାକୁ ବିଚାରକୁ ନେଲେ। ଅତୀତ ଉତ୍କଳ ନୌବାଣିଜ୍ୟର ଗରିମା ସହ ତଅପୋଇ କଥା ବିଜଡ଼ିତ। ଏଥିରେ ଦ୍ୱିରୁକ୍ତି ବା କାହିଁ ?

ପୁରାଣ ପ୍ରସିଦ୍ଧ ଜମ୍ବୁଦ୍ୱୀପ - ଏଇ ମୋ ଠାରୁ ଅଳ୍ପ ଦୂରରେ କେନ୍ଦ୍ରାପଡ଼ାଠାରୁ ମାତ୍ର ୩୦ କି.ମି. ଦୂରତା। ଏହାର ଉତ୍ତର, ଦକ୍ଷିଣ, ପଶ୍ଚିମ ସୀମାରେ ବଡ଼ବଡ଼ ନଦୀ, ସେମାନଙ୍କର ଶାଖାନଦୀ ବି। ବଙ୍ଗୋପସାଗର (କଳିଙ୍ଗ ସାଗର, ଲବଣ ସାଗର)। ମୋ ପୂର୍ବଭାଗକୁ ଛୁଇଁଛି। ଜମ୍ବୁଦ୍ୱୀପ ଧନଧାନ୍ୟରେ ପରିପୂର୍ଣ୍ଣ। ଉତ୍ତରରେ ବ୍ରାହ୍ମଣୀ, ତା' ଶାଖା ନଦୀ ହଂସୁଆ, ସାନ ବ୍ରାହ୍ମଣୀ, ପଶ୍ଚିମରେ ଗୋବରୀ, ଦକ୍ଷିଣରେ ମହାନଦୀ, ଏହାର ଶାଖା ବକୁଳ ନଦୀ ମୁହାଣ। ଏ ଅଞ୍ଚଳ ସାଧବପୁଅଙ୍କ ବେପାର ବଣିଜ ପାଇଁ ବେଶ୍ ଅନୁକୂଳ। ତନୟବନ୍ତ ସାଧବ, ତା'ର ସାତପୁଅ ଜମ୍ବୁଦ୍ୱୀପର। ଶହଶହ ଅଝାଳଟଣା ବୋଇତ। କଳିଙ୍ଗ ସାଗର କୂଳରେ ଭାସମାନ। ତାମ୍ରଲିପ୍ତ, ଘଣ୍ଟଶିଳା, ଧାମରା, ଚାନ୍ଦବାଲି, ଜମ୍ବୁ, ଚେଳିତୋଳା, କାକଟପୁର, ପୁରୀ, ଗୋପାଳପୁର, ବିଶାଖାପାଟଣା, ପାଲୁର; ଏଥିସହ 'ସାତାଭାୟା' ବନ୍ଦର ଇତିହାସ ପ୍ରସିଦ୍ଧ। ଏ କଥା ଲେଖିଲେ ଗ୍ରୀକ୍ ଐତିହାସିକ ଟୋଲେମୀ। ତଅପୋଇ ଓଷାକଥା ଏହାର ଏକ ଅଂଶବିଶେଷ। କିମ୍ବଦନ୍ତୀ କହି ମୋତେ ମ୍ଳାନ ନ କରିବାକୁ ନିବେଦନ। ଆଉ ଗୋଟିଏ କଥା। ଆମ ରାଜନଗର, ଅନତି ଦୂରରେ ବଙ୍ଗୋପସାଗର, ତଟଦେଶରେ ପେଣ୍ଠ ଗାଁ। ଏଇଠି ବସୁଥିଲା ବାଣିଜ୍ୟ ମେଳା। ଏହା ବାଣିଜ୍ୟ ପେଣ୍ଠ। ଏଠାରେ ମଧ୍ୟ ସାଧବ ସାତଭାଇ ରପ୍ତାନୀ ଦ୍ରବ୍ୟ ଉଠାଉଥିଲେ। ଅତୀତ ଆଜି କାଳ କବଳରେ, ନାହିଁ ଅଝାଳଟଣା ବୋଇତ, ନାହାନ୍ତି ସାଧବପୁଅ। ସତରେ ! କର୍ପୂର ଯାଇଛି, କନା ବି। ରହିଛି ସ୍ମୃତିରୁ ଖିଏ। ସ୍ମୃତିର ସ୍ମୃତି ମୁଁ ସାତଭାୟା।

ଦିନ ସମାନ ଭାବେ ଗଲାନି। ଦିନେ ସୁଖ ଦେଖିଲି। ମୋ ଗାଁବାଲାଙ୍କ ଝାଡ଼କଟା କ୍ଷେତବାଡ଼ି। ଆସେ ଭୋଦୁଅ। ପୂବେଇ ବାଆର ଲହରିଆ ଗୀତ। ସବୁଜ ସାଗୁଆ କ୍ଷେତବାଡ଼ି ହସିଉଠେ। ଆଶ୍ୱିନ ମାସରେ ଫସଲ କଟାର ଚହଲା ସଙ୍ଗୀତ। ଏବେ ସପନର ସପନ। ଦିନେ ସମୁଦ୍ର ଶାନ୍ତ ଥିଲା। ମୁଁ ଥିଲି ସମ୍ପୂର୍ଣ୍ଣ ସୁରକ୍ଷିତ। ସାଗର ରୁଷିଲା। ଉଚ୍ଚାଙ୍ଗ ଲହରୀ, କୂଳ ଲଂଘିଲା, ଶିଳଶିଳିପୁଆ ଗଗନେ ଉଡ଼ିଲେ; ମୁଁ ଶିମିଳି ତୁଳା। ମୋ ସତ୍ତା ହଜିବାକୁ ଲାଗିଲା। ବାତ୍ୟାପରେ ବାତ୍ୟା, ମାଡ଼ିଆସିଲା ସମୁଦ୍ରର ଉଚ୍ଚ ଜୁଆର। ମୋ ପୁଅଝିଅ, ଗାଁବାସୀ କେତେ ଭାସିଗଲେ। ସରକାରଙ୍କର ଚେତା ପଶିଲା। ଏଣିକି ବିସ୍ଥାପନ, ଗାଁବାଲାଙ୍କ ଥଇଥାନ।

ମୁଁ 'ସାତଭାୟା', ମୋ ପାଖ ଗାଁ କାନପୁର - ଆମେ ଭୟଙ୍କର ଭାବେ କ୍ଷତିଗ୍ରସ୍ତ। ଆମ ସୀମା ସମୁଦ୍ରକୁ ଛୁଇଁଛି। ଏମିତି ସମୟ ଆସିଲା। ଏକାଥରେ ଧୋଇ ହୋଇଯିବାର ଭୟ। ସରକାର ଥଇଥାନ ପାଇଁ ୯୪.୨୫ ଲକ୍ଷ ଟଙ୍କା ମଞ୍ଜୁର କଲେ (୧୯୯୦-୯୧)। ୩୯୫ ପରିବାରଙ୍କୁ ନିରାପଦ ସ୍ଥାନରେ ଥଇଥାନ କରାଗଲା। ଉକ୍ତ ଟଙ୍କାରୁ ତିନିଲକ୍ଷ ଟଙ୍କା 'ଭିତ୍ତି ସଂରଚନା'ରେ ବିନିଯୋଗ ହେଲା। ସମୁଦ୍ରର ସର୍ବଗ୍ରାସୀ ବୁଭୁକ୍ଷା, ମୁଁ ନିଶ୍ଚିହ୍ନ, ଆଉ ମୋ ସାଥୀ ଗାଁମାନେ। ପଞ୍ଚବରାହୀ ମା'ଙ୍କର ଗୋଟେପଟ କାନ୍ଥ; ତା'ବି ସମୁଦ୍ର ଧୋଇନେଲା। ଚାଲିଲା ସମ୍ପୂର୍ଣ୍ଣ ଥଇଥାନ ପ୍ରକ୍ରିୟା। ଜାଗା ସ୍ଥିରୀକୃତ 'ବଗପାଟିଆ'। ସରକାରଙ୍କର ୨୨ କୋଟି ଟଙ୍କା ମଞ୍ଜୁରୀ। ସମୁଦ୍ର ଜୁଆର ମୁହଁରେ ୨୩୫ ପରିବାର, ମୋ ପଞ୍ଚାୟତରୁ ବିସ୍ଥାପିତ ହେଲେ। ଏବେ 'ବଗପାଟିଆ' ଦେଖିବ ସେମାନଙ୍କ ପୂରିଲା ପୂରିଲା ସଂସାର। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ତତ୍ପର। ୫୭୧ ପରିବାର ବଗପାଟିଆର ନୂଆ ମୁହଁ, ନୂଆଘର, ସ୍ୱାସ୍ଥ୍ୟସେବା, ସୌରଶକ୍ତି ଚାଳିତ ଆଲୋକ, ଶିକ୍ଷାନୁଷ୍ଠାନ, ସୁନ୍ଦର ରାସ୍ତା - ସୁନ୍ଦର ଜୀବନ। ମୁଁ ଖାଲି ନୀରବ ଦେଖଣାହାରୀ। ପିଲା କବିଲାଙ୍କ ହସ ଖେଳ, କୋଳାହଳ ମୋ କାନରେ ପଡ଼େ। ହୃଦୟ ବିହାରୀ ଦିଏ। ସତରେ, "ଶକ୍ତି ନାହିଁ ବସ୍ତ କାହାରି ଜଗତେ, ନିୟତିକୁ ନେବ ନିଜ ଇଚ୍ଛା ମତେ।" ମୁଁ ତ କ୍ଷୁଦ୍ର। କ୍ଷୁଦ୍ରାଦପି କ୍ଷୁଦ୍ର। ମୋର ବା ବଳ କାହିଁ, ମୋ ଅତୀତକୁ ଚିର ଚଳଚଞ୍ଚଳ ରଖିପାରିବି ?

ମୋର ଅନତିଦୂରରେ ସମୁଦ୍ରକୂଳରେ ହାବେଳିକୋଠି। ଏହା ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ; ଭିତରକନିକାରୁ ୧୬ କି.ମି. ଦୂର। ବିରଳ ପ୍ରଜାତି ଅଲିଭରିଡ଼ଲେ କଇଁଛଙ୍କ ଅଣ୍ଡାଦେବା ସ୍ଥାନ। ପ୍ରକୃତିକୁ ଭଲପାଉଥିବା, ପରିବେଶ ପର୍ଯ୍ୟଟକଙ୍କ ପାଇଁ ଶାନ୍ତ, ପରିଚ୍ଛନ୍ନ ପରିବେଶ, ଅତ୍ୟନ୍ତ ମନମୁଗ୍ଧକର। ପର୍ଯ୍ୟଟକଙ୍କ ରହଣି ପାଇଁ ବ୍ୟବସ୍ଥା, ତମ୍ବୁଘର ଉପଲବ୍ଧ। ନଦୀକୂଳର କୁମ୍ଭୀର, ସୁନ୍ଦର ପ୍ରକୃତି - ଶିବିର, ହେନ୍ତାଳବଣ, ଦେଖଣାହାରୀଙ୍କ ମନ କିଣେ। ଏଠାରେ ୪ଟି କୋଠରୀ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ। ଏଇଠି ରହି ମନୋରମ ସୂର୍ଯ୍ୟାସ୍ତ ଦେଖିବା ମୋହ ସମ୍ବରଣ କରିହୁଏନି। ପ୍ରକୃତିର ଘନଘନ ରୋଷ। ହାବେଳି କୋଠି ମଧ୍ୟ ବିପଦ ମୁକ୍ତ ନୁହେଁ। ଏ ଦଇବର ଇଚ୍ଛା !

ମୋ ଗାଁ ସ୍ଥାନାନ୍ତରିତ 'ବଗପାଟିଆ'କୁ। ଗାଁକୁ ପ୍ରବେଶ ରାସ୍ତା। ସ୍ଥାପିତା ମା' ପଞ୍ଚବରାହୀ, ମା'ଙ୍କର ସୁନ୍ଦର ମନ୍ଦିର। ସେଦିନ ଏପ୍ରିଲ ୨୦୧୮। ମୋ ପିଲାଙ୍କ ଏକା ଜିଦ୍। ମା'ଙ୍କର ସ୍ଥାନାନ୍ତର ନାହିଁ ତ ସେମାନଙ୍କର ବି। ୪୦ ବର୍ଷର ପରମ୍ପରା ଭାଙ୍ଗିଲା। ପୁରୁଷମାନେ ମା'ଙ୍କୁ ସ୍ପର୍ଶ କଲେ। ପ୍ରତିମାଗୁଡ଼ିକ ସ୍ଥାନାନ୍ତରିତ। ମନ୍ଦିରର ପାଞ୍ଚଟି ଦ୍ୱାର - ଏହା ପଞ୍ଚବରାହୀଙ୍କ ପାଇଁ ଉଦ୍ଦିଷ୍ଟ। ୨୦ ଅପ୍ରେଲ ୨୦୧୮ ମସିହା। ମା'ଙ୍କୁ ୧୨ କି.ମି. ଦୂର ବଗପାଟିଆରେ ସ୍ଥାପନା କରାଗଲା। ମୋ ଗ୍ରାମବାସୀଙ୍କ ଅଟଳ ଧର୍ମବିଶ୍ୱାସ। ମା'ଙ୍କ ହାତ ସଦାସର୍ବଦା ତାଙ୍କ ମୁଣ୍ଡ ଉପରେ। ଜଳବାୟୁ ପରିବର୍ତ୍ତନ, ଶରଣାର୍ଥୀଙ୍କ ବଗପାଟିଆରେ ଥଇଥାନ। କେନ୍ଦ୍ରାପଡ଼ା ଇତିହାସର ଏକ ଆଖିଦୃଶିଆ ଘଟଣା। ଏସବୁ ମୁଁ ଦେଖିଲି। ଆଖିରେ ମୋ ଶ୍ରାବଣର ଧାରା, ମୋ ପିଲାମାନେ ମୋତେ ଛାଡ଼ି ଚାଲିଗଲେ।

ମୋ ପାଇଁ ସ୍ନେହ ଏବେବି କେତେକଙ୍କ ପାଇଁ ଅତୁଟ। ବର୍ଷା ବରଷେ, କ୍ଷେତବାଡ଼ିରେ ଧାନ ଚାଷ, ବଗପାଟିଆରୁ ଆସନ୍ତି, କ୍ଷେତ ସଜାଡ଼ନ୍ତି। ପୁନଶ୍ଚ ଘରବାହୁଡ଼ା। ସଞ୍ଜ ନଇଁଆସେ, ଚାରିଆଡ଼େ ଖାଁ ଖାଁ। ବିସ୍ତୀର୍ଣ୍ଣ ବାଲୁକାଶଯ୍ୟା। ସମୁଦ୍ରର କ୍ରୂର ଅଟ୍ଟହାସ। ମୁଁ ବାହୁନି ବାହୁନି କାନ୍ଦେ। ତଥାପି ମୋତେ ଦେଖିବେ, କେତେକଙ୍କ ମୋହ, ନାହିଁ ଅନୁମତି। ମନମାରି ଫେରନ୍ତି। ଏକଦା କିମ୍ବଦନ୍ତୀ ନୁହେଁ, ଇତିହାସର ମୁଖ୍ୟ ଆଲୋଚ୍ୟ ବିଷୟ 'ସାତଭାୟା', ଆଜି କାହାରି କାହାରି ପାଇଁ ନିଶୂନିଆ ଗାଁ (ଭୂତଗାଁ)। ମୁଁ ଦେଖୁଛି, ଦେଖୁଥିବି ମୋ ପିଲାପିଲିଙ୍କୁ। ସେମାନେ ବଗପାଟିଆରେ, ଶାନ୍ତିରେ ତାଙ୍କ ଦିନ ବିତୁ - ଏଇ ଆଶାରଖି ରହିଛି, ରଖିଥିବି ଅନନ୍ତ କାଳକୁ - ମୁଁ 'ସାତଭାୟା'।

# ମହାରଷି ମଧୁସୂଦନ



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର। ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ। ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା। ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ। ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ। ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଢେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ। ମଧୁସୂଦନ ଥିଲେ ମରହଟ୍ଟା ବଂଶଜ। ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି। ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ। ସେ ଥିଲେ ମଧୁସୂଦନଙ୍କ ଅଜା। ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି। ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି -

"ମଧୁ ଜନ୍ମ ତିଥି ମଧୁମୟୀ ଶ୍ରୀପଞ୍ଚମୀ
ଯାର ଆଗମନେ ଜାଣେ ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ ବିଶ୍ୱ ପ୍ରାଣ ରମି
ବହଇ ମଳୟ, ଗାଏ କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢ଼ିଥିଲେ ଅଳ୍ପ। ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ। ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା। ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ'। ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ। ପରେ କନ୍ୟାଟିର ମୃତ୍ୟୁ ଘଟିଲା। ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ। ମାମୁଁ ମାଇ ତାଙ୍କୁ ପାଳିବେ। ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ। କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା। ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି। ତା ପରଦିନ ଭାଗୀରଥି ରାଓ ପିଲା ଦୁହିଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ। ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ। ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ। ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା। ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି। ବାପା ଥାନାକୁ ଗଲେ ସେମାନେ ମଧ୍ୟ ଥାନାକୁ ଆସନ୍ତି। ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି। ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ। ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ। ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ। ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା। ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ। ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା। ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ। ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ। ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ। ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ।

ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ। ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ। ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ୍ୟ ପରିଦର୍ଶନରେ ଗଲେ। ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କଥାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ। ତାଙ୍କର ରହିବା ପାଇଁ ମଧ୍ୟ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା। ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ। ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ। ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ। ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ। ପ୍ରଧାନଶିକ୍ଷକ ଜନ୍ ବକ୍‌ସଓ୍ୱେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ। ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ। ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ଟି ପ୍ରଶ୍ନ ଦେଉଥିଲେ। ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା। ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ।

୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା। ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ। ଗାଁ ଗଣ୍ଡା ସବୁ ପଦା ହୋଇଗଲା। ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର। ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ। ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡ଼ା ଓ ଚାଉଳ ବାଣ୍ଟିବାକୁ ଲାଗିଲେ। ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କି ଭୋକି ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ। ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା। ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ। ଦ୍ୱିତୀୟ ଥର ମଧ୍ୟ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ। ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ। ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ। ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୁଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ। ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ। ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ। ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ। ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା। ତେଣୁ ସେ କଟକ ଆସି କଲେଜରେ ଏଫ୍.ଏ. ଶ୍ରେଣୀରେ ନାମ ଲେଖାଇଲେ। ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ୍ୟ କଟକ ଆସି ପାଠପଢ଼ିଲେ। କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ। ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ୍.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ। ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା। ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା। ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ। କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ।

ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା। କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡ଼ା ହେଉ। ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭାତୃତ୍ୱକୁ କୁଠାରଘାତ କରୁ। ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ। ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି।

ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ। ସେଠାରେ ପତ୍ନୀ ପଦ୍ମାବାଈ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ। ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା। ୧୮୭୩ ମସିହାରେ ମଧୁସୂଦନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ। ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା। ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ। ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ। ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ। ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ। ସେଗୁଡିକ ମଧ୍ୟରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି। ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ। ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ। ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ। ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ'।

୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍‌ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ। ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ୍ୟ ଲେଖିଥିଲେ। 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଥିଲେ। ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି। ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ। ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ। 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ।

ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା। ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ। ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲ। ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ। କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ। ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ। ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ। ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା। ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେ ଛାତ୍ରମାନଙ୍କ ମଧ୍ୟରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ। ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ।

ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା। ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା। ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ'। ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା। ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧ୍ୟରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ। କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି :-

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।"

ଗୃହର ଶାନ୍ତି ଦେଖି ଫକୀର ମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାରଷି। ଈଶ୍ୱରଙ୍କ ପରମ ସତ୍ତା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି। ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ। ଇଂରେଜ ସରକାର ତାଙ୍କ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ। ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ। ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା। ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ। 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ।

ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ। ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ। ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି-

"ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ ପ୍ରାଣେ ସନ୍ତତ
ହେ ଦେବ ! ଉତ୍କଳର ଇତିହାସରେ
ଶ୍ରୀ ମଧୁସୂଦନ ଭକ୍ତକବି ନାମ
ରହିଲା ସୁବର୍ଣ୍ଣ ଅକ୍ଷରେ"।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପଞ୍ଚମ ଆଶେସ୍ ଟେଷ୍ଟ : ପ୍ରଥମ ଦିନ ଖେଳ ସୁଦ୍ଧା ଇଂଲଣ୍ଡ ୨୧୧/ ୩

**ସିଡ୍‌ନୀ**

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ରବିବାରଠାରୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପଞ୍ଚମ ତଥା ଅନ୍ତିମ ଆଶେସ୍ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍‌ଙ୍କ ୧୫୪ ରନ୍‌ର ଭାଗୀଦାରିତା ଯୋଗୁ ଇଂଲଣ୍ଡ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ୩ ଉଇକେଟ ହରାଇ ୨୧୧ ରନ୍ କରିଛି। ଖରାପ ଆଲୋକ ଓ ଘଡ଼ଘଡ଼ି ସହ ବର୍ଷା କାରଣରୁ ଟି' ପରେ ଖେଳ ସମ୍ଭବ ହୋଇପାରି ନ ଥିଲା। ମ୍ୟାଚ୍ ଆରମ୍ଭ ପୂର୍ବରୁ ନିକଟ ବୋଣ୍ଡି ବିଚ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ଲାଗି ଗାର୍ଡ ଅଫ୍ ଅନର ଓ ଉପସ୍ଥିତ ଦର୍ଶକଙ୍କ ଷ୍ଟାଣ୍ଡିଂ ଓଭେଶନ ଜରିଆରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜ୍ୟାକ୍ କ୍ରଲି ଓ ବେନ ଡକେଟ ପ୍ରଥମ ଉଇକେଟରେ ୩୫ ରନ୍ କରିଥିଲେ। ମାଇକେଲ ନେସରଙ୍କ ବଲ୍‌ରେ କ୍ରଲି (୧୬) ଏଲବିଡବ୍ଲ୍ୟୁ ଆଉଟ୍ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ତାଙ୍କ ପରେ ଡକେଟ୍ ୨୭ ରନ୍ କରି ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ଉଇକେଟ ପଛରେ କ୍ୟାଚ୍‌ଆଉଟ୍ ହୋଇଥିଲେ। ତୃତୀୟ କ୍ରମରେ ବ୍ୟାଟିଂ ଆସିଥିବା ଜାକବ ବେଥେଲ(୧୦) ମଧ୍ୟ ବିଫଳ ହୋଇଥିଲା। ଇଂଲଣ୍ଡ ୫୭ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ରୁଟ୍ ଓ ବ୍ରୁକ ଦାୟିତ୍ୱ ସମ୍ଭାଳିଥିଲେ। ଦୁହେଁ ଧୈର୍ଯ୍ୟର ସହ ବ୍ୟାଟିଂକରି ଦଳୀୟ ସ୍କୋରକୁ ପ୍ରଥମେ ୧୦୦ ଓ ପରେ ୨୦୦ ଅତିକ୍ରମ କରାଇଥିଲେ। ଦୁହେଁ ଅବିଭାଜିତ ଚତୁର୍ଥ ଉଇକେଟ ପାଇଁ ୧୫୪ ରନ୍ ଯୋଡ଼ିଥିଲେ। ଆଲୋକ ଅଭାବ କାରଣରୁ ଟି'ର ୧୫ ମିନିଟ୍ ପୂର୍ବରୁ ଖେଳକୁ ରୋକାଯାଇଥିଲା। ହେଲେ ଏହାପରେ ଘଡ଼ଘଡ଼ି ସହ ବର୍ଷା ଯୋଗୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଇଂଲଣ୍ଡ ପ୍ରଥମ ଦିନ ଶେଷସୁଦ୍ଧା ୪୫ ଓଭରରେ ୩ ଉଇକେଟ ହରାଇ ୨୧୧ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ରୁଟ୍ ୭୨(୮ ଚୌକା) ଓ ବ୍ରୁକ୍ ୭୮(୬ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ, ନେସର ଓ ସ୍କଟ୍ ବୋଲାଣ୍ଡ ଗୋଟିଏ ଲେଖାଏଁ ଉଇକେଟ ନେଇଛନ୍ତି।

# ଟି-୨୦ ବିଶ୍ୱକପ୍ : ଭାରତରେ ମ୍ୟାଚ୍ ଖେଳିବାକୁ ମନା କଲା ବାଂଲାଦେଶ



**ନୂଆଦିଲ୍ଲୀ**

ସବୁଠି ଚର୍ଚ୍ଚା, ବଢ଼ୁଛି ବିବାଦ। ବାଲାଂଦେଶୀ ଖେଳାଳିଙ୍କୁ ରିଲିଜ ପରେ ବଢ଼ିଛି ବିବାଦ। ୨୦୨୬ ଟି-୨୦ ବିଶ୍ୱକପ ଭାରତ ଏବଂ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଯାଉଛି। ତେବେ ଭାରତରେ ଖେଳିବାକୁ ମନା କରି ଦେଇଛି ବାଲାଂଦେଶ। ବିସିବି ଅଧିକାରୀ ନଜରୁଲ୍ କହିଛନ୍ତି ଭାରତରେ ବାଂଲାଦେଶ କୌଣସି ମ୍ୟାଚ୍ ଖେଳିବ ନାହିଁ। ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଆମ ବୋର୍ଡ ଏହି ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ତେବେ ଏହା ଉପରେ ଆଇସିସି କ'ଣ ନିଷ୍ପତ୍ତି ନେଉଛି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ।

ଆସିଫ୍ ନଜରୁଲ୍ ରବିବାର ନିଜର ଫେସ୍‌ବୁକରେ ଏଭଳି ଏକ ପୋଷ୍ଟ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ତାଙ୍କ ବୋର୍ଡ ଏଭଳି ନିଷ୍ପତ୍ତି ନେଇଥିବା ସେ ପୋଷ୍ଟ୍ କରିଛନ୍ତି। ସେପଟେ ବାଲାଂଦେଶ ନିଜର ମ୍ୟାଚ୍ ସବୁ ଭାରତ ବଦଳରେ ଶ୍ରୀଲଙ୍କାରେ ଖେଳିବା ପାଇଁ ଚାହୁଁଥିବା ଜଣାଇଛି। ସୂଚୀ ଅନୁଯାୟୀ କୋଲକାତା ଏବଂ ମୁମ୍ବାଇରେ ବାଂଲାଦେଶ ମ୍ୟାଚ୍‌ଗୁଡ଼ିକ ରହିଥିଲା। ୱେଷ୍ଟଇଣ୍ଡିଜ୍, ଇଟାଲୀ ଏବଂ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ କୋଲକାତାର ଇଡେନ ଗାର୍ଡେନରେ ରହିଥିଲା। ପରେ ଫେବୃଆରୀ ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍ ମୁମ୍ବାଇରେ ରହିଥିଲା। ମାତ୍ର ଏବେ ସୂଚୀ ବଦଳାଇ ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବା ପାଇଁ ଇଚ୍ଛା ପ୍ରକାଶ କରିଛି ବାଲାଂଦେଶ। ମାତ୍ର ଆଇସିସି ଏଯାବତ କୌଣସି ସୂଚନା ଦେଇନାହିଁ।

ଗତ କିଛି ଦିନ ଧରି, କେକେଆର ଏବଂ ଏହାର ସହ-ମାଲିକ ଶାହରୁଖ ଖାନଙ୍କୁ ଅନେକ ରାଜନେତା ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀ ଟାର୍ଗେଟ୍ କରିଥିଲେ। ଏହାପରେ ବିବାଦରେ ଫସିଥିଲେ କେକେଆର। ଜାତୀୟ ଭାବନା ସତ୍ତ୍ୱେ ଫ୍ରାଞ୍ଚାଇଜ୍ ଜଣେ ବାଂଲାଦେଶୀ ଖେଳାଳିଙ୍କୁ କିଣିବାକୁ ନେଇ ଭାରତର ଅନେକ ଲୋକସମର୍ଥନ କରୁନାହାନ୍ତି ବୋଲି କୁହାଯାଇଥିଲା। ବିଜେପି ନେତା ସଙ୍ଗୀତ ସୋମ୍ ଶାହରୁଖଙ୍କ ଉପରେ ଦେଶଦ୍ରୋହୀ ଟିପ୍ପଣୀ ଦେଇଥିଲେ।

ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ଜାରି ରହିଛି। ବାଂଲାରେ ହିନ୍ଦୁଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଉଛି। ୪ ଜଣଙ୍କର ମୃତ୍ୟୁ ହୋଇଛି। ଭାରତରେ ଏହାର ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି। ବାଂଲାଦେଶରେ ହିନ୍ଦୁ ସୁରକ୍ଷିତ ନଥିବା ବେଳେ ଉକ୍ତ ଦେଶର ଖେଳାଳଙ୍କୁ କାହିଁକି ଆଇପିଏଲରେ ଖେଳାଯିବାକୁ ନେଇ ବିବାଦ ଦେଇଖିବାକୁ ମିଳିଥିଲା। ଏହାକୁ ନେଇ ବିସିସିଆଇ କେକେଆର ଫ୍ରାଞ୍ଚାଇଜକୁ ମୁସ୍ତାଫିଜୁର ରେହମାନଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହାର ମାତ୍ର ୨ ଘଣ୍ଟା ଭିତରେ ରେହମାନଙ୍କୁ ରିଲିଜ କରିଛି କୋଲକାତା। ତେବେ ଭାରତ-ବାଂଲାଦେଶ ମଧ୍ୟରେ ବିଗୁଡୁଥିବା ସମ୍ପର୍କ ମଧ୍ୟରେ କ୍ରିକେଟର ବଳି ପଡ଼ିଛନ୍ତି।

# କୋମାରୁ ବାହାରିଲେ ମାର୍ଟିନ



**ସିଡ୍‌ନୀ**

ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ତଥା ଟେଷ୍ଟ ଲିଜେଣ୍ଡ ଡାମିଏନ ମାର୍ଟିନ କୋମାରୁ ବାହାରି ଆସିଛନ୍ତି। ଏ ନେଇ ସିଡ୍‌ନୀ ମର୍ନିଂ ହେରାଲ୍ଡରେ ରବିବାର ଏକ ରିପୋର୍ଟ ପ୍ରକାଶ ପାଇଛି। ୫୪ ବର୍ଷୀୟ ମାର୍ଟିନଙ୍କୁ ଗତ ୨୭ ତାରିଖରେ ଗୋଲ୍ଡ କୋଷ୍ଟ ୟୁନିଭରସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହ ସେ କୋମାକୁ ଚାଲିଯାଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ନେଇ ତାଙ୍କ ବନ୍ଧୁ ତଥା ପୂର୍ବତନ କ୍ରିକେଟର ଆଡାମ ଗିଲ୍‌କ୍ରିଷ୍ଟ ସ୍ପଷ୍ଟ କରିଛନ୍ତି।

ସୂଚନା ମୁତାବକ, ମାର୍ଟିନ ୧୯୯୨ରୁ ୨୦୦୬ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୬୭ ଟେଷ୍ଟ, ୨୦୮ ଦିନିକିଆ ଓ ୪ ଟି୨୦ ମ୍ୟାଚ୍ ଖେଳିଥିଲେ।

ମାର୍ଟିନ ଏବେ କଥା କହିପାରୁଛନ୍ତି। ସେ କୋମାରୁ ବାହାରକୁ ଆସିବାଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ତାଙ୍କୁ ଖୁବ୍‌ଶୀଘ୍ର ଆଇସିୟୁରୁ ସ୍ଥାନାନ୍ତର କରାଯିବ ବୋଲି ପରିବାରବର୍ଗ ଆଶାବାଦୀ ରହିଥିବା ଗିଲକ୍ରିଷ୍ଟ କହିଛନ୍ତି।

# ୨୫ତମ କାଠବାଉଁଶୂଳି ଅଲ୍ ଇଣ୍ଡିଆ ପ୍ରିମିୟମ ଲିଗ୍

## ଇରଫାନ ଏକାଦଶ ରାଉରକେଲାକୁ ହରାଇ ଡେଞ୍ଜର ଏକାଦଶ ରାଉରକେଲା ଚାମ୍ପିଅନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ କାଠବାଂଉଁଶୂଳି ନେତାଜୀ ୟୁଥ୍ ଆସୋସିଏସନ୍ ଆନୁକୂଲ୍ୟରେ ୨୫ ତମ ଅଲ୍ ଇଣ୍ଡିଆ ପ୍ରିମିୟମ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରୌପ୍ୟ ଜୟନ୍ତୀର ଉଦ୍‌ଯାପିତ ଦିବସର ଫାଇନାଲ ମ୍ୟାଚ୍ ଇରଫାନ ଏକାଦଶ ରାଉରକେଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଅଭର ଖେଳରେ ୧୫ ଅଭର ଖେଳି ୯ ୱିକେଟ୍ ହରାଇ ୧୨୪ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଜବାବରେ ଡେଞ୍ଜର ଏକାଦଶ ରାଉରକେଲା ୧୨୫ ବିଜୟ ଲକ୍ଷକୁ ପିଛାକରି ୧୩ ଅଭରରେ ୬ ୱିକେଟ୍ ହରାଇ ୧୩୦ ରନ କରି ୪ ୱିକେଟରେ ବିଜୟ ସହ ଚଳିତ ବର୍ଷ ଚାମ୍ପିଅନ ହୋଇଛି। ବିଜୟ ଦଳ ପକ୍ଷରୁ ପପୁ ଯାଦବ ୩ ଅଭର ବଲିଂ କରି ୨୨ ଦେଇ ୪ ୱିକେଟ୍ ଅକ୍ତିଆର କରି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ନେତାଜୀ ବିକାଶ କମିଟି ପକ୍ଷରୁ ଅତ୍ୟାଧୁନିକ ସାଉଣ୍ଡ, ଲାଇଟ୍, ମେଲୋଡି, ଚିୟର ଗାର୍ଲ ଭଳି ବିଭିନ୍ନ ପ୍ରକାର ବ୍ୟବସ୍ଥା ଖେଳକୁ ଅଧିକ ଆକର୍ଷଣ କରିଥିଲା। ଗାଁ ଠାରୁ ପଞ୍ଚାୟତ ଉତ୍ସବ ମୁଖର ହୋଇଉଠିଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, କେନ୍ଦୁଝର ପୌରାଞ୍ଚଳ ଅଧକ୍ଷା ନିକୁ ସାହୁ, ଜିଲ୍ଲା ବିଜେପି ଉପସଭାପତି ବିବେକାନନ୍ଦ ମହାନ୍ତ, ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ଗଣେଶ୍ୱର ମହାନ୍ତ, ପ୍ରମୁଖ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ମୁଖ୍ୟ ଆକର୍ଷଣ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାଇକା ଶିବାନୀ ସଂଗୀତା ଓ ଏଲିନା ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ଏକଲକ୍ଷ ରାଶି ସହିତ ଟ୍ରଫି, ରନର୍ସଅଫ ଦଳକୁ ୭୦ ହଜାର ରାଶି ସହିତ ଟ୍ରଫି ଅତିଥି ଗଣ ପୁରସ୍କୃତ କରିଛନ୍ତି। ନେତାଜୀ ୟୁଥ୍ ଆସୋସିଏସନ୍ କମିଟି ସଭାପତି ଜଗନ୍ନାଥ ମୋଦୀ ଦ୍ୱାରା ଖେଳ ପ୍ରଦର୍ଶନ ସଫଳ ହୋଇଛି।




# ପାଣି ପଞ୍ଚାୟତ କାର୍ଯ୍ୟକାରିତା ପାଇଁ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ, ରାଜ୍ୟସରକାରଙ୍କ ନିଷ୍ପତ୍ତିକ୍ରମେ ଆସନ୍ତା ଜାନୁଆରୀ ୬ ତାରିଖ ଠାରୁ ଜାନୁଆରୀ ୨୦ ତାରିଖ ପ୍ରଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଡିଭିଜନ ଜିଲ୍ଲାସ୍ତରୀୟ ଭାବେ ପାଳନ କରାଯିବ। ପାଣି ପଞ୍ଚାୟତରେ ସୁଫଳ ଓ ଏହାର କାର୍ଯ୍ୟକାରିତା ନିମନ୍ତେ ଥିବା ଯୋଜନାଗୁଡ଼ିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଯେଉଁ ସଚେତନତାର ଆବଶ୍ୟକତା ରହିଛି ସେଥି ପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି, କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପମାନ ଖୋଲାଯାଇ ସଚେତନ କରାଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟରେ ରଚନା, ବକ୍ତୃତା, କୁଇଜ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଡିଭିଜନ ସ୍ତରରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥା କ୍ରମେ ୨୫୦୦, ୨୦୦୦ ଓ ୧୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଜିଲ୍ଲାସ୍ତରୀୟ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୦୦୦, ୨୫୦୦ ଓ ୨୦୦୦ ଅର୍ଥରାଶି ସହ ପ୍ରମାଣ ପତ୍ର ପ୍ରଦାନ କରି ପୁରସ୍କୃତ କରାଯିବ। ଜାନୁଆରୀ ୧୩ ତାରିଖରେ ଜଷ୍ଟିଲୋ ଡାକବଙ୍ଗଳାଠାରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହରେ ଜିଲ୍ଲାର ପାଣିପଞ୍ଚାୟତ ସଦସ୍ୟମାନେ ଯୋଗ ଦେବେ। ଜିଲ୍ଲା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୧୩ ତାରିଖସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଜାନୁଆରୀ ୬ ତାରିଖରେ ପାଣି ପଞ୍ଚାୟତ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଜିଲ୍ଲାର ସମସ୍ତ ବ୍ଲକ ମହକୁମା ଓ ମୁଖ୍ୟ ସେଚାଞ୍ଚଳ ଆଦି ଗସ୍ତ କରି ସଚେତନତା ବାର୍ତ୍ତା ବଣ୍ଟନ କରିବ। ରାଜ୍ୟସରକାରଙ୍କ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସରଂକ୍ଷଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମ୍ପର୍କିତ ଯୋଜନା ଓ ପାଣିପଞ୍ଚାୟତର ଉପକାରିତା ସମ୍ପର୍କରେ ଲୋକକଳା ମାଧ୍ୟମରେ ଜିଲ୍ଲାସ୍ତରୀୟ ସମାରୋହରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାର ଶ୍ରେଷ୍ଠ ବିବେଚିତ କୃଷକ ଜାନୁଆରୀ ୨୦ ତାରିଖରେ ରାଜ୍ୟ ସ୍ତରୀୟ ସମାରୋହରେ ସମ୍ବର୍ଦ୍ଧିତ ହେବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଉକ୍ତ ବୈଠକରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ, ଏଡିଭିଓ ଡାକ୍ତର ମନିଷ କୁମାର ସିଂହ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ, କୃଷି, ଶିକ୍ଷା, ଉଦ୍ୟାନ କୃଷି, ଉଠା ଜଳସେଚନ, ମୃତ୍ତିକା ସରଂକ୍ଷଣର ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ସୋମନାଥ ସ୍ୱାଭିମାନ ପର୍ବ – ୧୦୦୦ ବର୍ଷ (୧୦୨୬-୨୦୨୬)ର ଏକ ଅତୁଟ ଆସ୍ଥା



**ନରେନ୍ଦ୍ର ମୋଦୀ**
ଭାରତର ପ୍ରଧାନମନ୍ତ୍ରୀ ଏବଂ ଶ୍ରୀ ସୋମନାଥ ଟ୍ରଷ୍ଟର ଅଧକ୍ଷ

ସୋମନାଥ... ଏହି ଶବ୍ଦଟିକୁ ଶୁଣିବା ମାତ୍ରେ ଆମମାନଙ୍କ ହୃଦୟ ଓ ମନରେ ଗର୍ବ ଏବଂ ଗୌରବର ଏକ ଭାବନା ଆପେ ଜାଗ୍ରତ ହୋଇଥାଏ। ଏହା ହେଉଛି ଭାରତର ଆତ୍ମାର ଶାଶ୍ୱତ ଆହ୍ୱାନ। ଏହି ଭବ୍ୟ ମନ୍ଦିର ଭାରତର ପଶ୍ଚିମ ତଟରେ ଗୁଜରାଟ ରାଜ୍ୟରେ ପ୍ରଭାସ ପତନ ନାମକ ସ୍ଥାନରେ ଅବସ୍ଥିତ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ତୋତ୍ରମରେ ସାରା ଭାରତରେ ଥିବା ୧୨ଗୋଟି ଜ୍ୟୋତିର୍ଲିଙ୍ଗଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ସ୍ତୋତ୍ର ଏପରି ଭାବରେ ଆରମ୍ଭ: 'ସୌରାଷ୍ଟ୍ରେ ସୋମନାଥଂ ଚ...' ଯାହା ଦେଶର ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବରେ ସୋମନାଥଙ୍କୁ ଆମ ସଭ୍ୟତା ତଥା ଆଧ୍ୟାତ୍ମିକ ସଂକେତ ଭାବରେ ଉପସ୍ଥାପନ କରେ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି :

ସୋମଲିଙ୍ଗଂ ନରୋ ଦୃଷ୍ଟ୍ୱା ସର୍ବପାପୈ ପ୍ରମୁଚ୍ୟତେ।
ଲଭତେ ଫଳଂ ମନୋବାଞ୍ଛିତଂ ମୃତଃ ସ୍ୱର୍ଗଂ ସମାଶ୍ରୟେତ୍।।

ଏହାର ଅର୍ଥ ହେଉଛି: କେବଳ ସୋମନାଥ ଶିବଲିଙ୍ଗଙ୍କ ଦର୍ଶନ ମାତ୍ରେ ଜଣେ ବ୍ୟକ୍ତି ତା'ର ସକଳ ପାପରୁ ନିଶ୍ଚିତ ରୂପେ ମୁକ୍ତ ହୋଇଥାଏ ଏବଂ ଏଥି ସହିତ ତା'ର ମନର ସକଳ ସକାରାତ୍ମକ କାମନା ପୂର୍ଣ୍ଣ ହେବା ସହିତ ସେ ମୃତ୍ୟୁ ପରେ ସ୍ୱର୍ଗଲୋକ ପ୍ରାପ୍ତ ହୋଇଥାଏ।

କ୍ଷୋଭର କଥା, ଏହି ସୋମନାଥ, ଯାହାଙ୍କୁ କୋଟି କୋଟି ଶ୍ରଦ୍ଧାଳୁ ପ୍ରାଚୀନ କାଳରୁ ପୂଜାର୍ଚ୍ଚନା କରିଆସୁଥିଲେ, ଉପାସନା କରିଆସୁଥିଲେ, ତାହାକୁ ବିଦେଶାଗତ ଆକ୍ରମଣକାରୀମାନେ ଆକ୍ରମଣ କରିଥିଲେ, କାରଣ ସେମାନଙ୍କର ଉଦ୍ଦେଶ୍ୟ ଥିଲା ଏହାକୁ ଧ୍ୱଂସ କରିବା, କେବଳ ଏହି ମନ୍ଦିରର ଉପାସନାକୁ ବନ୍ଦ କରିବା ନୁହେଁ।

ସୋମନାଥ ମନ୍ଦିର ନିମନ୍ତେ ବର୍ଷ ୨୦୨୬ଟି ବିଶେଷ ମହତ୍ତ୍ୱ ବହନ କରେ। ଏହି ମହାନ ପୀଠ ଉପରେ ପ୍ରଥମ ଆକ୍ରମଣ ଘଟିବାର ୧୦୦୦ ବର୍ଷ ପୂରଣ ହୋଇଛି। ୧୦୨୬ ଖ୍ରୀଷ୍ଟାବ୍ଦର ଜାନୁଆରୀ ମାସରେ ଗଜନୀର ମାହମୁଦ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲେ ଏବଂ ଆସ୍ଥା ଓ ସଭ୍ୟତାର ଏହି ମହାନ ସଂକେତକୁ ଧ୍ୱଂସ କରିଦେବାକୁ ଚାହିଁଥିଲେ। ଏଥି ନିମନ୍ତେ ଯେତେ ରକ୍ତପାତ ଓ ବର୍ବର ଆକ୍ରମଣ କରାଯାଇପାରେ, ସେ ତାହା ଆପଣାଇଥିଲେ।

ତଥାପି, ଏହି ଘଟଣାର ଏକ ହଜାର ବର୍ଷ ପରେ ସୁଦ୍ଧା, ସେହି ମନ୍ଦିର ପୂର୍ବ ଗୌରବର ସହିତ ସେଠାରେ ଦଣ୍ଡାୟମାନ, କାରଣ ସୋମନାଥ ମନ୍ଦିରର ଭବ୍ୟତାକୁ ବଜାୟ ରଖିବା ସକାଶେ ଅତୀତରେ ଅସଂଖ୍ୟ ପୁନଃର୍ଗଠନ ପ୍ରୟାସ କରାଯାଇଆସିଛି। ଏଭଳି ଏକ ପ୍ରୟାସର ମାଇଲଖୁଣ୍ଟ ୨୦୨୬ ମସିହାରେ ୭୫ ବର୍ଷ ପୂରଣ କରୁଛି। ସେହିଭଳି ପ୍ରୟାସ ୧୯୫୧ ମସିହା ମେ ୧୧ ତାରିଖ ଦିନ ଏକ ଉତ୍ସବରେ ସଂପାଦନ କରାଯାଇଥିଲା ଏବଂ ତାହା ସଂପାଦନ କରାଯାଇଥିଲା ଭାରତର ତତ୍କାଳୀନ ମହାମହିମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ। ସେଦିନ ଏହି ପୁନଃର୍ବିନ୍ୟାସକୃତ ମନ୍ଦିରର ଦ୍ୱାରକୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଖୋଲାଯାଇଥିଲା।

ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣ ଘଟିଥିଲା ୧୦୨୬ ଖ୍ରୀଷ୍ଟାବ୍ଦରେ। ସେତେବେଳେ ଏହି ନଗରୀର ଲୋକମାନଙ୍କ ଉପରେ ନିଷ୍ଠୁର ଆକ୍ରମଣ କରାଯାଇଥିଲା। ସେତେବେଳେ ଏହି ମନ୍ଦିରକୁ ଯେଉଁଭଳି ବୀଭତ୍ସ ଭାବରେ ଧ୍ୱଂସ କରାଯାଇଥିଲା ତାହାର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ଐତିହାସିକ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି। ଆପଣମାନେ ତାହା ପଢ଼ିଲେ, ଛାତି ଥରିଉଠେ। ଏହାର ପ୍ରତ୍ୟେକ ଧାଡ଼ିରେ ଦୁଃଖ, କ୍ରୂରତା ଭରି ରହିଛି ଏବଂ ଏହି ଦୁଃଖ ସମୟ ସହିତ କେବେ ପ୍ରଶମିତ ହୋଇଯାଇନାହିଁ।

ଆପଣମାନେ କଳ୍ପନା କରି ପାରିବେ ଯେ ଭାରତ ଉପରେ ଏହା କି ପ୍ରକାର ପ୍ରଭାବ ପକାଇଥିଲା ଏବଂ ଲୋକମାନଙ୍କ ଭାବନାକୁ କେତେ ଆଘାତ ଦେଇଥିଲା। କାହିଁକି ନା, ସୋମନାଥ ସେମାନଙ୍କ ପାଇଁ ଅଚିନ୍ତନୀୟ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ। ଏହି ତଟ ମଧ୍ୟ ସମାଜକୁ ପର୍ଯ୍ୟାପ୍ତ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସୁଥିଲା। ଏହି ସମୁଦ୍ର ଦେଇ ବଣିକମାନେ, ନାବିକମାନେ ଭାରତର ଭବ୍ୟ ଗାଥାକୁ ଦୂର ଦୂରାନ୍ତକୁ ବହନ କରି ନେଉଥିଲେ।

ତଥାପି, ମୁଁ ଗର୍ବର ସହିତ ଏବଂ ବିନା ଦ୍ୱିଧାରେ ଏକଥା କହିବାକୁ ଚାହେଁ ଯେ ସୋମନାଥଙ୍କ ଗାଥା, ଏହା ଉପରେ ବିଦେଶୀ ଲୁଣ୍ଠନକାରୀଙ୍କ ଆକ୍ରମଣର ଏକ ହଜାର ବିତି ସାରିଥିଲେ ସୁଦ୍ଧା, ସେହି ଧ୍ୱଂସ ଦ୍ୱାରା ସଂଜ୍ଞା ନିରୂପିତ ହୁଏନାହିଁ। ଭାରତ ମାତାଙ୍କ କୋଟି କୋଟି ସନ୍ତାନଙ୍କ ଅତୁଟ ସାହସ ଦ୍ୱାରା ହିଁ ଏହାର ସଂଜ୍ଞା ନିରୂପିତ।

ଏହି ମଧ୍ୟଯୁଗୀୟ ବର୍ବରତା ଯାହା ଆଜକୁ ହଜାର ବର୍ଷ ପୂର୍ବେ ୧୦୨୬ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା, ତାହା ଅନ୍ୟମାନଙ୍କୁ ସୋମନାଥ ମନ୍ଦିର ଉପରେ ଅନ୍ୟମାନଙ୍କୁ ବାରମ୍ବାର ଆକ୍ରମଣ କରିବାକୁ 'ପ୍ରେରଣା' ଯୋଗାଇଥିଲା। ଆମର ଜନସାଧାରଣ ଏବଂ ଏହାର ସଂସ୍କୃତିକୁ ଦାସତ୍ୱର ବେଡ଼ିରେ ବାନ୍ଧି ରଖିବା ନିମନ୍ତେ ଏହା ଥିଲା ପ୍ରଥମ ପ୍ରୟାସ। ପ୍ରତ୍ୟେକ ଥର ଏହି ମନ୍ଦିର ଉପରେ ହେଉଥିବା ଆକ୍ରମଣ ବେଳେ, ଆମମାନଙ୍କ ନିକଟରେ ଏହାକୁ ବିରୋଧ କରିବା ଏବଂ ସୁରକ୍ଷା ପ୍ରଦାନ କରିବା ସକାଶେ ମହାନ ବୀର ଓ ବୀରାଙ୍ଗନାମାନେ ଉପଲବ୍ଧ ଥିଲେ ଏବଂ ପ୍ରତ୍ୟେକ ଥର, ପିଢ଼ି ପରେ ପିଢ଼ି, ଆମର ଏହି ମହାନ ସଭ୍ୟତାର ଲୋକମାନେ, ନିଜକୁ ସେଭଳି ଆକ୍ରାନ୍ତାମାନଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ ଏବଂ ଧ୍ୱଂସ ମନ୍ଦିରକୁ ପୁନର୍ବାର ଭବ୍ୟତାର ସହିତ ପୁନଃନିର୍ମାଣ ପୂର୍ବକ ଠିଆ କରାଇଥିଲେ। ଏହା ଆମମାନଙ୍କର ପରମ ସୌଭାଗ୍ୟ ଯେ ଅହଲ୍ୟାବାଈ ହୋଲକାରଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଯେଉଁ ଭୂମିରେ ଜନ୍ମ ଗ୍ରହଣ କରିଥିଲେ ଆମେ ସେହି ଭୂମିରେ ଭୂମିଷ୍ଠ ହୋଇଛେ। ଅହଲ୍ୟାବାଈ ହୋଲକାର ସୋମନାଥ ମନ୍ଦିରର ପୁନଃନିର୍ମାଣ ନିମନ୍ତେ ଯେଉଁ ଆଦର୍ଶ ପ୍ରୟାସ କରିଥିଲେ ତାହା ପ୍ରଶଂସନୀୟ ଯାହା ଫଳରେ ଶ୍ରଦ୍ଧାଳୁମାନେ ପୁନର୍ବାର ମନ୍ଦିରରେ ପୂଜାର୍ଚ୍ଚନା କରିପାରିଥିଲେ।

୧୮୯୦ ଦଶକରେ ସ୍ୱାମୀ ବିବେକାନନ୍ଦ ସୋମନାଥ ମନ୍ଦିର ପରିଦର୍ଶନ କରିଥିଲେ ଏବଂ ତାହା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ସେ ତାଙ୍କର ସେହି ଅନୁଭବକୁ ୧୮୯୭ ମସିହାରେ ଚେନ୍ନାଇଠାରେ ପ୍ରଦାନ କରିଥିବା ଏକ ଭାଷଣରେ ପ୍ରଦାନ କରି କରିଥିଲେ। ସେ କହିଥିଲେ, 'ଦକ୍ଷିଣ ଭାରତର କେତେକ ପ୍ରାଚୀନ ମନ୍ଦିର ଏବଂ ଗୁଜରାଟର ସୋମନାଥ ଭଳି ମନ୍ଦିର ଆମମାନଙ୍କୁ ଜ୍ଞାନର ବିପୁଳ ଶିକ୍ଷା ପ୍ରଦାନ କରେ। ସେହିସବୁ ମନ୍ଦିରମାନେ ଆମମାନଙ୍କୁ ମାନବ ଜାତିର ପ୍ରାଚୀନ ଇତିହାସ ମଧ୍ୟକୁ ଗଭୀର ଭାବରେ ଅନ୍ତର୍କ୍ଷେପଣ ନିମନ୍ତେ ପ୍ରେରିତ କରେ ଯାହା ଆମେ କୌଣସି ଗ୍ରନ୍ଥରୁ କେବେ ପାଇପାରିବା ନାହିଁ। ଲକ୍ଷ୍ୟ କରିବା କଥା ଯେ ସେହିସବୁ ମନ୍ଦିରଗୁଡ଼ିକ କିପରି ଏଭଳି ଆକ୍ରାନ୍ତାମାନଙ୍କ ହଜାର ହଜାର ଆକ୍ରମଣର ସ୍ୱାକ୍ଷର ନିଜ ବକ୍ଷରେ ବହନ କରି ରଖିଛନ୍ତି ଏବଂ ଶହ ଶହ ପିଢ଼ି ଧରି ତାହା ଜାରି ରହିଛି। ସେମାନେ ନିରବଚ୍ଛିନ୍ନ ଭାବରେ ଏହାକୁ ଧ୍ୱଂସ କରିଚାଲିଥିଲେ ଏବଂ ସେହି ଧ୍ୱଂସ ସ୍ତୂପ ଭିତରୁ ତାହା ପୁଣି ଥରେ ମୁଣ୍ଡ ଟେକିଥାଏ, ପୁନର୍ଜାଗରିତ ହୋଇ ଆହୁରି ମଜଭୁତ ହୋଇଥାଏ! ଏହା ହେଉଛି ଜାତୀୟ ମାନସିକତା, ତାହା ହିଁ ହେଉଛି ରାଷ୍ଟ୍ରୀୟ ଜୀବନ ସ୍ରୋତ। ଏହାକୁ ଅନୁସରଣ କରନ୍ତୁ ଏବଂ ଏହା ଆମକୁ ମହିମାମଣ୍ଡିତ କରିବା ଆଡ଼କୁ ଆଗେଇନିଏ। ଏହାକୁ ତ୍ୟାଗ କରନ୍ତୁ ଏବଂ ଦେଖିବେ, ତୁମର ବିନାଶ ଘଟିବ। ମୃତ୍ୟୁ ହେଉଛି ଏହାର ଏକମାତ୍ର ପରିଣାମ। ବିନାଶ, ଏହାର ଏକମାତ୍ର ପରିଣାମ- ଯେଉଁ ମୁହୂର୍ତ୍ତରେ ସେହି ଜୀବନ ସ୍ରୋତରୁ ତୁମେ ଦୂରେଇଯିବ।'

ଦେଶ ସ୍ୱାଧୀନତା ଲାଭ କରିବା ପରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ପବିତ୍ର କାର୍ଯ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ସଂପାଦିତ ହୋଇଥିଲା। ୧୯୪୭ ମସିହାରେ ସେ ଦୀପାବଳି ସମୟରେ ଯେତେବେଳେ ସେହି ମନ୍ଦିରକୁ ଏକତା ଦର୍ଶନ ପାଇଁ ଯାଇଥିଲେ ଏହାର ଧ୍ୱଂସାବଶେଷ ଦେଖି ସେ ଏତେ ମାତ୍ରାରେ ମ୍ରିୟମାଣ ହୋଇ ପଡ଼ିଥିଲେ ଯେ ସେ ସେହିଠାରେ ଘୋଷଣା କରିଥିଲେ ଯେ ଏହି ମନ୍ଦିରର ପୁନଃନିର୍ମାଣ କରାଯିବ। ପରିଶେଷରେ, ୧୯୫୧ ମସିହା ମେ ୧୧ ତାରିଖ ଦିନ, ସେହିଠାରେ ଭବ୍ୟ ସୋମନାଥ ମନ୍ଦିର ଉନ୍ମୋଚିତ ନିର୍ମିତ ହୋଇ ଏହାର ଦ୍ୱାର ଶ୍ରଦ୍ଧାଳୁମାନଙ୍କ ପାଇଁ ଉନ୍ମୋଚିତ ହୋଇଥିଲା। ଡକ୍ଟର ରାଜେନ୍ଦ୍ର ପ୍ରସାଦ ସେହି ଅବସରରେ ସେଠାରେ ଉପସ୍ଥିତ ଥିଲେ। ମହାନ୍ ସର୍ଦ୍ଦାର ସାହେବ ସେହି ଐତିହାସିକ ଦିନର ଅବସରକୁ ଦେଖିବା ସକାଶେ ସେତେବେଳକୁ ଜୀବିତ ନଥିଲେ, କିନ୍ତୁ ତାଙ୍କ ସ୍ୱପ୍ନ ସାକାରିତ ହୋଇ ରାଷ୍ଟ୍ର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ଏଭଳି ଘଟଣାକ୍ରମରେ ବିଶେଷ ଖୁସି ନଥିଲେ। ସେ ଚାହୁଁ ନଥିଲେ ଯେ ମାନ୍ୟବର ରାଷ୍ଟ୍ରପତି ତଥା ଅନ୍ୟ ମନ୍ତ୍ରୀଗଣ ଏଭଳି ବିଶେଷ କାର୍ଯ୍ୟକ୍ରମ ସହିତ ଜଡ଼ିତ ହୁଅନ୍ତୁ। ସେ ମତ ପୋଷଣ କରିଥିଲେ ଯେ ଏହା ଭାରତ ସମ୍ପର୍କରେ ଏକ ଖରାପ ଧାରଣା ସୃଷ୍ଟି କରିବ। କିନ୍ତୁ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଦୃଢ଼ ଭାବରେ ନିଜ ସିଦ୍ଧାନ୍ତରେ ଅଟଳ ରହିଥିଲେ ଏବଂ ଯାହା ଘଟିଥିଲା, ତାହା ଆଜି ଇତିହାସ। କେ.ଏମ. ମୁନସୀଙ୍କ ପ୍ରୟାସ ବିନା ସୋମନାଥ ମନ୍ଦିର ସମ୍ପର୍କୀତ କୌଣସି ପ୍ରସଙ୍ଗ କଦାପି ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଇ ପାରିବନାହିଁ। ସେ ସକ୍ରିୟତାର ସହିତ ସର୍ଦ୍ଦାର ପଟେଲଙ୍କୁ ସମର୍ଥନ ଜ୍ଞାପନ କରିଥିଲେ। ସୋମନାଥଙ୍କ ସମ୍ପର୍କୀତ ତାଙ୍କର ରଚନାବଳୀ, ଏଥିରେ 'ସୋମନାଥ: ଶାଶ୍ୱତ ଧାମ' ପୁସ୍ତକ ସାମିଲ, ଅତୀମ ସୂଚନାଧର୍ମୀ ଏବଂ ଶିକ୍ଷଣୀୟ।

ମୁନସୀଜୀଙ୍କ ଏହି ପୁସ୍ତକର ନାମ ହିଁ ଆମମାନଙ୍କୁ ଏହା ସୂଚାଏ ଯେ ଆମେ ଏଭଳି ଏକ ସଭ୍ୟତା ଯାହା ଏକ ଶାଶ୍ୱତ ଚିନ୍ତାଧାରା ଏବଂ ବିଚାରବୋଧ ସଦାବେଳେ ଧାରଣ କରିଆସିଛୁ। ଆମେ ଏକଥା ଦୃଢ଼ତାର ସହିତ ବିଶ୍ୱାସ କରୁ ଯେ ଯାହା ଶାଶ୍ୱତ ତାହା କଦାପି କ୍ଷୟଶୀଳ ନୁହେଁ। ଏହା ଆମର ପ୍ରସିଦ୍ଧ ଗୀତା ଗ୍ରନ୍ଥରେ ମଧ୍ୟ ବର୍ଣ୍ଣିତ ରହିଛି: 'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି...'। ଆମ ସଭ୍ୟତାର ଅଦମ୍ୟ ଭାବନା ସମ୍ପର୍କରେ ସୋମନାଥ ବ୍ୟତୀତ ଅନ୍ୟ କୌଣସି ଉତ୍ତମ ଉଦାହରଣ ଦିଆଯାଇ ପାରିବନାହିଁ, ଯାହା ବର୍ତ୍ତମାନ ସୁଦ୍ଧା ଗୌରବର ସହିତ, ସକଳ ପ୍ରକାର ପ୍ରତିକୂଳ ଶକ୍ତିଙ୍କ ପ୍ରଭାବ ଓ ସଂଘର୍ଷ ସତ୍ତ୍ୱେ ଦଣ୍ଡାୟମାନ ରହିଛି।

ସେହି ମାନସିକତା ହିଁ ଆମ ରାଷ୍ଟ୍ରର ପରିକଳ୍ପନାରେ ଜଳଜଳ ହୋଇ ଦୃଶ୍ୟମାନ। ଏହା ବୈଶ୍ୱିକ ବିକାଶର ଉଜ୍ଜ୍ୱଳତମ ବିନ୍ଦୁ ଭାବରେ ବିଦ୍ୟମାନ। ଏହା ଶତାବ୍ଦୀ ଶତାବ୍ଦୀ ଧରି ଆକ୍ରମଣ ଏବଂ ଉପନିବେଶବାଦୀ ଲୁଣ୍ଠନର ଶିକାର ହୋଇ ସୁଦ୍ଧା ନିଜକୁ ଅତୁଟ ରଖିପାରିଛି। ଏହା ଆମର ମୂଲ୍ୟବୋଧ ଧାରା ଏବଂ ଜନସାଧାରଣଙ୍କ ପ୍ରତିବଦ୍ଧତା ଯାହା ଆଜି ଭାରତକୁ ବୈଶ୍ୱିକ ଧ୍ୟାନର କେନ୍ଦ୍ରବିନ୍ଦୁରେ ପରିଣତ କରିଛି। ବିଶ୍ୱ ଆଜି ଆଶା ଓ ସକାରାତ୍ମକ ଭାବନାର ସହିତ ଭାରତକୁ ଦେଖୁଛି। ସେମାନେ ଭାରତର ନବାଚାରଧର୍ମୀ ଯୁବଗୋଷ୍ଠୀଙ୍କ ଉପରେ ପୁଞ୍ଜି ନିବେଶ କରିବାକୁ ଆଗ୍ରହୀ। ଆମର କଳା, ସଂସ୍କୃତି, ସଙ୍ଗୀତ ଏବଂ ଅସୁମାରି ଉତ୍ସବ ଦିନକୁ ଦିନ ବୈଶ୍ୱିକ ହେବାରେ ଲାଗିଛି। ଯୋଗ ଓ ଆୟୁର୍ବେଦ ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରିଚାଲିଛି ଏବଂ ନିରାମୟ ଜୀବନ ଧାରଣକୁ ଶକ୍ତି ଯୋଗାଉଛି। ସବୁଠାରୁ କେତେଗୋଟି ଜଟିଳ ବୈଶ୍ୱିକ ଚାଲେଞ୍ଜର ସମାଧାନ ଭାରତରୁ ହିଁ ଆସିପାରିଛି।

କାହିଁ କେଉଁ ଅସୁମାରି ଅତୀତ ଠାରୁ ସୋମନାଥ ବିଭିନ୍ନ ବର୍ଗର ଲୋକମାନଙ୍କୁ ଏକତ୍ରିତ କରିଛି। ଆଜକୁ ଶହ ଶହ ବର୍ଷ ପୂର୍ବେ, କଳିକାଳ ସର୍ବାଙ୍ଗ ହେମଚନ୍ଦ୍ରାଚାର୍ଯ୍ୟ ନାମକ ଜନୈକ ଜୈନ ମୁନି, ସୋମନାଥ ମନ୍ଦିରକୁ ଆସିଥିଲେ। କୁହାଯାଏ ଯେ ସେଠାରେ ପ୍ରାର୍ଥନା କରିବା ପରେ, ସେ ଗାନ କରିଥିଲେ, 'ଭବବୀଜାଙ୍କୁ ଜନନାରାଗାଦ୍ୟାଃ କ୍ଷୟମୁପଗତା ଯସ୍ୟ'। ଏହାର ଅର୍ଥ ହେଲା – ସେହି ଶକ୍ତିଙ୍କୁ ନମସ୍କାର ଯାହାଙ୍କୁ ଦର୍ଶନ ମାତ୍ରେ ସକଳ ପ୍ରକାର ଜାଗତିକ ବୀଜର ବିନାଶ ଘଟେ, ଯାହାଙ୍କ କରୁଣାରୁ ସକଳ ପ୍ରକାର ସାଂସାରିକ ବନ୍ଧନ ଓ ଲୋଭ ମନରୁ ଉଭେଇଯାଏ।' ଆଜି ସୁଦ୍ଧା, ସୋମନାଥ ସେହି ସାମର୍ଥ୍ୟକୁ ବହନ କରିଛି ଏବଂ ଆମମାନଙ୍କ ମନ ଓ ଆତ୍ମା ଭିତରେ ଏକ ଦିବ୍ୟ ଓ ବିରାଟ ଜାଗରଣ ସୃଷ୍ଟି କରୁଛି।

୧୦୨୬ ଖ୍ରୀଷ୍ଟାବ୍ଦର ସେହି ପ୍ରଥମ ଆକ୍ରମଣର ଏକ ହଜାର ବର୍ଷ ପରେ, ସୋମାନଥର ସମୁଦ୍ର ତଥାପି ସେହିଭଳି ସ୍ୱରରେ ଉଦଘୋଷଣା କରୁଛି ଯାହା ଅତୀତରେ କରିଆସୁଥିଲା। ଯେଉଁ ଢେଉ ଆସି ସୋମନାଥଙ୍କ ପାଦରେ ମଥା ପିଟୁଛି, ତାହା ସେହି ଗୋଟିଏ କାହାଣୀ ହିଁ ବଖାଣୁଛି। ଯାହା ହେଉ ନା କାହିଁକି, ସେହି ଢେଉ ଭଳି ତାହା ବାରମ୍ବାର ମଥା ପିଟି ଚାଲିଛି, ସଙ୍ଗୀତ ଗାନ କରିଚାଲିଛି।

ଅତୀତର ସେହିସବୁ ଆକ୍ରାନ୍ତାମାନେ ବର୍ତ୍ତମାନ ସମୟର ପବନରେ କାହିଁ ରେଣୁ ଭାବରେ କୁଆଡ଼େ ହଜି ଯାଇଛନ୍ତି, ସେମାନଙ୍କର ନାମ କେବଳ ଧ୍ୱଂସ ସହିତ ତୁଳନୀୟ। ଇତିହାସର ପାଦଟୀକାରେ ହିଁ ସେମାନେ ରହିଯାଇଛନ୍ତି, ଯଦ୍ୟପି ସୋମନାଥ ସେହିଭଳି ଉଜ୍ଜ୍ୱଳ, ଦୀପ୍ତୀମାନ ହୋଇ ଦୂର ଦିଗବଳୟ ପର୍ଯ୍ୟନ୍ତ ସବୁକିଛି ଆଲୋକିତ କରୁଛି। ତାହା ଆମମାନଙ୍କୁ ସେହି ଶାଶ୍ୱତ ଭାବନାକୁ ସ୍ମରଣ କରାଇ ଦେଉଛି ଯେ ୧୦୨୬ର ଆକ୍ରମଣ ସତ୍ତ୍ୱେ ଆମର ଭାବନା ସେହିଭଳି ଅତୁଟ ରହିଛି ଏବଂ ରହିଥିବ। ସୋମନାଥ ହେଉଛି ଆଶାର ସଙ୍ଗୀତ ଯାହା ଆମକୁ ସୂଚାଏ ଯେ ଘୃଣା ଏବଂ ଧର୍ମାନ୍ଧତା ନିକଟରେ ସାମୟିକ ଶକ୍ତି ଥାଇପାରେ, କିନ୍ତୁ ଆସ୍ଥା ଓ ବିଶ୍ୱାସ ନିକଟରେ ଥିବା ସୁସାମର୍ଥ୍ୟ ହେଉଛି ସେହି ଶାଶ୍ୱତ ଶକ୍ତି ଯାହା ଅନନ୍ତକାଳ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଥିବ।

ଯଦି ସୋମନାଥ ମନ୍ଦିର, ଯାହା ଆଜକୁ ଏକ ହଜାର ବର୍ଷ ପୂର୍ବେ ଏକଦା ଆକ୍ରମଣର ଶିକାର ହୋଇଥିଲା ଏବଂ ଏହା ପରେ ବାରମ୍ବାର ଆକ୍ରମଣକୁ ଅଙ୍ଗେ ନିଭାଇଥିଲା, ତାହା ଯଦି ପୁଣି ଥରେ ମୁଣ୍ଡ ଟେକି ଠିଆ ହୋଇପାରେ, ତେବେ ଆମେମାନେ ଆମର ମହାନ ରାଷ୍ଟ୍ରକୁ ମଧ୍ୟ ଗୌରବଶାଳୀ କରି ପୁଣି ଥରେ ଠିଆ କରାଇ ପାରିବା, ଯାହା ଆଜକୁ ହଜାର ହଜାର ବର୍ଷ ପୂର୍ବେ ଆମଠାରେ ଥିଲା। ଶ୍ରୀ ସୋମନାଥ ମହାଦେବଙ୍କ ଆଶୀର୍ବାଦ ସହିତ, ଆମେ ଆଗକୁ ପୁନଃସଂକଳ୍ପର ସହିତ ଅଗ୍ରସର ହେବା ଏବଂ ବିକଶିତ ଭାରତ ନିର୍ମାଣ କରିବା, ଯେଉଁଠାରେ ଆମ ସଭ୍ୟତାର ପ୍ରଜ୍ଞା ଆମକୁ ମାର୍ଗ ପ୍ରଦର୍ଶନ କରିବ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ସହାୟକ ହେବ।

ଜୟ ସୋମନାଥ!

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଜାନୁଆରୀ ୨୦୨୬ ସୋମବାର







ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଜାତୀୟ ଜନଜାତି ଆୟୋଗର ସଦସ୍ୟା ଡ. ଆଶା ଲାକ୍ରା। (ଫଟୋ : ସମ୍ବାଦ କଳିକା)

# 'ପୁଞ୍ଜିନିବେଶ କ୍ଷେତ୍ରରେ ଅନ୍ୟତମ ଡେଷ୍ଟିନେସନ ଓଡ଼ିଶା, ୨୦୨୫-୨୬ରେ ଆସିଛି ୧୩.୧% ପ୍ରସ୍ତାବ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁଞ୍ଜିନିବେଶ କ୍ଷେତ୍ରରେ ଓଡିଶା ଦେଶର ଅନ୍ୟତମ ପ୍ରମୁଖ ଆକର୍ଷଣର ରାଜ୍ୟ ପାଲଟିଛି । ଆର୍ଥିକ ବର୍ଷ ୨୦୨୫/୨୦୨୬ ରେ ଦେଶକୁ ଆସିଥିବା ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ମଧ୍ୟରୁ ୧୩.୧ ପ୍ରତିଶତ ପ୍ରସ୍ତାବ ଓଡ଼ିଶାକୁ ଆସିଛି । ଚଳିତ ଆର୍ଥିକ ବର୍ଷରେ ଓଡିଶା, ନିବେଶଙ୍କ ପାଇଁ ଦ୍ୱିତୀୟ ଡେଷ୍ଟିନେସନ ହୋଇଛି । ସୋସିଆଲ ମିଡିଆରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ଓଡ଼ିଶା ଦ୍ରୁତ ଗତିରେ ଭାରତର ଏକ ପ୍ରମୁଖ ନିବେଶର ଗନ୍ତବ୍ୟ ସ୍ଥଳ ଭାବେ ନିଜକୁ ପ୍ରତିଷ୍ଠା କରୁଛି । ସମ୍ପ୍ରତି ବର୍ଷଗୁଡ଼ିକରେ ରାଜ୍ୟରେ ବଢୁଥିବା ନିବେଶ ପ୍ରସ୍ତାବ ଏବଂ ନିବେଶକଙ୍କ ବଢୁଥିବା ବିଶ୍ୱାସ ଏହାର ଦୃଢ ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଓଡ଼ିଶା ଦ୍ରୁତ ଗତିରେ ଭାରତର ଏକ ପ୍ରମୁଖ ନିବେଶର ଗନ୍ତବ୍ୟ ସ୍ଥଳ ଭାବେ ନିଜକୁ ପ୍ରତିଷ୍ଠା କରୁଛି । ସମ୍ପ୍ରତି ବର୍ଷ ଗୁଡ଼ିକରେ ରାଜ୍ୟରେ ବଢୁଥିବା ନିବେଶ ପ୍ରସ୍ତାବ ଏବଂ ନିବେଶକଙ୍କ ବଢୁଥିବା ବିଶ୍ୱାସ ଏହାର ଦୃଢ ପ୍ରମାଣ । ଆର୍ଥିକ ବର୍ଷ-୨୬ରେ ମୋଟ ପ୍ରସ୍ତାବିତ ନିବେଶର ୧୩.୧ ପ୍ରତିଶତ ଶେୟାର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଓଡ଼ିଶା । ଯାହା ରାଜ୍ୟର ନୀତିଗତ ସ୍ଥିରତା ଏବଂ ବିକାଶମୁଖୀ ଶାସନ ପ୍ରତି ନିବେଶକଙ୍କ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳିତ କରୁଛି । ଏହି ନିବେଶ ଧାରା ଜାରି ରହିଲେ ଓଡ଼ିଶା ଶୀଘ୍ର ଭାରତର ଶୀର୍ଷ ନିବେଶ ଗନ୍ତବ୍ୟ ଭାବେ ସ୍ଥାନ ପାଇବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି,'ରାଜ୍ୟର ନିବେଶକ ଅନୁକୂଳ ନୀତି, ମଜବୁତ ଇନଫ୍ରାଷ୍ଟ୍ରକ୍ଚର ଏବଂ ସୁଶାସନ ଯୋଗୁଁ ଓଡ଼ିଶା ଭାରତର ବୃଦ୍ଧିର ଇଞ୍ଜିନ ହେବାକୁ ଯାଉଛି । ଲୋକଙ୍କ ସରକାରର ବିଭିନ୍ନ ପଦକ୍ଷେପ ଯୋଗୁଁ ଓଡ଼ିଶା ପୂର୍ବତନ ଧାତବ ଉଦ୍ୟୋଗରୁ ବାହାରି ଏକ ବିବିଧତାଯୁକ୍ତ ଅର୍ଥନୀତି ଗଢ଼ି ତୋଳୁଛି । ରାଜ୍ୟର ଯୁବକମାନଙ୍କ ପାଇଁ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି ହେବାର ଆଶା ଜାଗ୍ରତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୂର୍ବୋଦୟ ଦୃଷ୍ଟିକୋଣରେ ଓଡ଼ିଶା ଭାରତର ଅର୍ଥନୈତିକ ବିକାଶର ମୁଖ୍ୟ କେନ୍ଦ୍ର ହେବାକୁ ଯାଉଛି । ରାଜ୍ୟ ସରକାର ଆଇଟି, ଗ୍ରିନ ଏନର୍ଜି ଏବଂ ଡିଫେନ୍ସ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକରେ ବିଶେଷ ନୀତି ପ୍ରଣୟନ କରି ନିବେଶକଙ୍କୁ ଆକର୍ଷଣ କରୁଛନ୍ତି ।' ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ



ନେତୃତ୍ୱରେ ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟାରେ ନୂଆ ଦିଗଦର୍ଶନ ମିଳିଛି। ଓଡିଶା ସରକାର ନିବେଶକଙ୍କ ପାଇଁ ଆକର୍ଷଣୀୟ ଶିଳ୍ପ ନୀତି ସହ ସମସ୍ତ ଆନୁଷଙ୍ଗିକ ସହଯୋଗ ମଧ୍ୟ ଯୋଗାଇ ଦେଉଛନ୍ତି । ବିଜେପି ସରକାର ଗଠନ ହେବା ପରଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ ଆଦି ସହରରେ ରୋଡ ଶୋ' ସହ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ନିବେଶକଙ୍କ ସହ ୱାନ୍ ଟୁ ୱାନ ଆଲୋଚନା କରୁଛନ୍ତି । ରାଜ୍ୟ ସରକାର ଏବେ ବୃହତ ଇସ୍ପାତ ଶିଳ୍ପ ଅପେକ୍ଷା ଅଧିକ ରୋଜଗାର ସୃଷ୍ଟିକାରୀ ଏମଏସଏମଇ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉଛନ୍ତି । ନିକଟରେ ରାଜ୍ୟରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପାଇଁ ସୁଯୋଗ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି ମୋହନ ସରକାର। ନୂଆ ଶିଳ୍ପ ନୀତି ସାଙ୍ଗକୁ ଫାର୍ମା ପଲିସି, ବୟନଶିଳ୍ପ ନୀତି, ସେମିକଣ୍ଡକ୍ଟର ନୀତି ପାଇଁ ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ବୃଦ୍ଧି ପାଇଛି । ମୋଟ ଉପରେ କହିବାକୁ ଗଲେ ଶିଳ୍ପ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ମୂଳମନ୍ତ୍ର ହେଉଛି ଭରସା, ନିରନ୍ତର ପ୍ରୟାସ ଏବଂ ଦୀର୍ଘସ୍ଥାୟୀ ସହଭାଗିତା । ଇଜ ଅଫ ଡୁଇଂ ବିଜନେସ ଜରିଆରେ ରାଜ୍ୟରେ ନିବେଶ ପ୍ରକ୍ରିୟାକୁ ସହଜ କରାଯାଇଛି। ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଓଡିଶା ରୋଡ ମ୍ୟାପରେ ଆଉ ଏକ ନୂଆ ମାଇଲ ଷ୍ଟୋନ ସ୍ଥାପନ ହେବାକୁ ଯାଉଛି । ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ରାଉରକେଲାରେ ଏଣ୍ଟରପ୍ରାଇଜ ଓଡିଶା ଆୟୋଜନ ହେବ। ସେହିପରି କଲିକତାରେ ମଧ ଏକ ଶିଳ୍ପ କନକ୍ଲେଭର ଆୟୋଜନ କରିବାକୁ ଯାଉଛନ୍ତି ଓଡିଶା ସରକାର। ଆଗକୁ ବଢୁଛି ଓଡିଶା:ଓଡିଶାରେ ନିବେଶକୁ ସହଜ ଓ ସରଳ କରିବା ସହ ଇଜ୍ ଅଫ୍ ଡୁଇଙ୍ଗ ବିଜନେସରେ ଉନ୍ନତି ଆଣିବା ପାଇଁ ବିଭିନ୍ନ ଆଇନରେ ପ୍ରାୟ ୨୩ଟି ସଂଶୋଧନ କରାଯାଉଛି । ପୁରୁଣା ଆଇନ, ଯାହାର ବର୍ତ୍ତମାନ କୌଣସି ଆବଶ୍ୟକତା ନାହିଁ। ସେଗୁଡିକ ସଂଶୋଧନ କରାଯାଉଛି । ବର୍ତ୍ତମାନ ସମୟର ଚାହିଦା ଅନୁସାରେ ପ୍ରସ୍ତୁତ କରାଯାଉଛି । ଆସିଥିବା ପ୍ରସ୍ତାବକୁ ବାସ୍ତବରେ ପରିଣତ କରି ଗ୍ରାଉଣ୍ଡିଙ୍ଗ କରିବାକୁ ଲକ୍ଷ୍ୟ ରଖାଯାଇଛି । ନିବେଶକଙ୍କ ଭରସା ଜିତିବାକୁ ପ୍ରକଳ୍ପ ଗୁଡିକ କ୍ଷିପ୍ର ଗତିରେ କାର୍ଯ୍ୟକାରୀ କରାଉଛନ୍ତି ସରକାର । ଉତ୍କର୍ଷ ଓଡିଶା ୨୦୨୫ ପର ଠାରୁ ବର୍ତ୍ତମାନ ସୁଦ୍ଧା ଓଡିଶାରେ ୪ ଲକ୍ଷ ୩୮ ହଜାର ୨୨୪ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି । ଏହା ଦ୍ୱାରା ୨ ଲକ୍ଷ ୫୫ ହଜାର ୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି ।

ଗତ ୧୮ ମାସରେ ୨.୧୦ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ ହୋଇଛି । ଏହା ଦ୍ୱାରା ୧ ଲକ୍ଷ ୬୩ ହଜାର ୭୨୫ଟି ନିଯୁକ୍ତି ସୁନିଶ୍ଚିତ ହୋଇଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଫାର୍ମା ଓ ଟେକ୍ସଟାଇଲ କନକ୍ଲେଭ ସହ ବିଭିନ୍ନ କ୍ଷେତ୍ରୀୟ ଶିଳ୍ପର ସମ୍ମିଳନୀ ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ସେମିକନ କନକ୍ଲେଭରେ ଓଡ଼ିଶା ଦୁଇଟି ଚୁକ୍ତି କରିଥିଲା । ଗତବର୍ଷ ଜାନୁଆରୀରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା କନକ୍ଲେଭ'ରେ ରାଜ୍ୟକୁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା । ଯେଉଁଥିରେ ୧୨.୮୯ ଲକ୍ଷ କୋଟି ଟଙ୍କାର ୧୪୫ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଗତ ଡିସେମ୍ବରରେ ହାଇଦ୍ରାବାଦରେ ଅନୁଷ୍ଠିତ ନିବେଶକ ସମ୍ମିଳନୀରେ ଓଡ଼ିଶାକୁ ୬୭,୦୦୦ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ମିଳିଛି। ଯାହା ୫୬,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ । ଏହା ଛଡ଼ା ଫାର୍ମା ଏବଂ ମେଡିକାଲ ଡିଭାଇସ କ୍ଷେତ୍ରରେ ନୂଆ ନୀତି ଯୋଗୁଁ ୭,୦୪୩ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି ।

# ଢେଙ୍କାନାଳରେ ପଥର ଖଣିରେ ବିସ୍ଫୋରଣ ପରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳରେ ପଥର ଖଣିରେ ବିସ୍ଫୋରଣ ପରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଢେଙ୍କାନାଳରେ ପଥର ଖଣିରେ ବିସ୍ଫୋରଣ ପରେ ପଥର ଖସି ଶ୍ରମିକଙ୍କ ପ୍ରାଣହାନୀ ହୋଇଥିବା ଜାଣି ମୁଁ ଦୁଃଖିତ। ଏପରି ଦୁଃଖଦ ସମୟରେ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରୁଛି। ଘଟଣାଟି କେଉଁ ପରିସ୍ଥିତିରେ ଘଟିଲା ଏବଂ ଶ୍ରମିକମାନଙ୍କ ସୁରକ୍ଷା ବ୍ୟବସ୍ଥା କିପରି ଥିଲା ସେନେଇ ଉପଯୁକ୍ତ ଅନୁଧ୍ୟାନ କରାଯିବା ସହ ସରକାର ତୁରନ୍ତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପ୍ରତି ଦୃଷ୍ଟି ଦିଅନ୍ତୁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଡ୍ରାଇଭରମାନଙ୍କ...

କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ବସ୍ ଫିଟନେସ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହିପରି ଦୁର୍ଭାଗ୍ୟଜନକ ଘଟଣା ଯେପରି ବାରମ୍ବାର ନ ଘଟେ ସେଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବେ ସମୀକ୍ଷା କରି ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ଆମ ବସ୍ ସୁରକ୍ଷା ...

ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ପାଢୀ ତାଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚ ସଦସ୍ୟ ବିଶିଷ୍ଟ ଉଚ୍ଚସ୍ତରୀୟ କମିଟି ଗଠନ ନେଇ ଘୋଷଣା କରିଥିଲେ ଯାହା ନିୟମିତ ତଦାରଖ, ପରିଚାଳନା ଶୃଙ୍ଖଳାରେ ଉନ୍ନତି ଏବଂ ଆମ ବସ୍ ସେବାର ସୁରକ୍ଷା ବୃଦ୍ଧି ପ୍ରତି ଦୃଷ୍ଟି ଦେବ। ଏହି କମିଟିରେ ପରିବହନ କମିଶନର, ଡିସିପି, ଟ୍ରାଫିକ୍ ଡିସିପି ଏବଂ କ୍ଲଟର ଜଣେ ବରିଷ୍ଠ ଅଧିକାରୀ ରହିଛନ୍ତି।

ଏହି କମିଟି ପ୍ରତି ୧୫ ଦିନରେ ଥରେ ବୈଠକ କରିବ ଏବଂ ଜରୁରୀ ସମସ୍ୟାଗୁଡ଼ିକର ସମୀକ୍ଷା କରିବ । ଆବଶ୍ୟକ ହେଲେ ସମସ୍ୟାର ସମାଧାନ ପାଇଁ ଯେକୌଣସି ସମୟରେ ବୈଠକ ଡାକିପାରିବ।

ଶ୍ରୀମତୀ ପାଢୀ କହିଛନ୍ତି ଯେ ପରିଚାଳନା ଦକ୍ଷତା ଏବଂ ଶେଷ ମାଇଲ ସଂଯୋଗୀକରଣକୁ ଉନ୍ନତ କରିବା ପାଇଁ ଆମ ବସ୍ ତାଲିକାରେ ଅତିରିକ୍ତ ମିନି ବସ୍ ଯୋଡାଯିବ। ସେ ଆହୁରି କହିଛନ୍ତି ଯେ ଡ୍ରାଇଭର ନିଯୁକ୍ତି ପ୍ରକ୍ରିୟାକୁ ଆହୁରି କଡ଼ାକଡ଼ି କରାଯିବ। ନୂତନ ଭାବରେ ନିଯୁକ୍ତି ପାଇଥିବା ଡ୍ରାଇଭରମାନଙ୍କୁ ଜୋରଦାର ତାଲିମ ଦିଆଯିବ ଏବଂ ସାମିଲ ହେବା ପୂର୍ବରୁ, ଡ୍ରାଇଭିଂ ଦକ୍ଷତା, ସଡ଼କ ସୁରକ୍ଷା ସଚେତନତା, ଲେନ୍ ଡ୍ରାଇଭିଂ ଏବଂ ଆଚରଣଗତ ମାନଦଣ୍ଡ ମୂଲ୍ୟାଙ୍କନ ପାଇଁ ଏକ ବାଧ୍ୟତାମୂଳକ ପାଞ୍ଚ ଦିନିଆ ମୂଲ୍ୟାଙ୍କନ ଏବଂ ପରୀକ୍ଷଣ ପ୍ରଦାନ କରାଯିବ। ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡର କଡ଼ା ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଆଗାମୀ ଏକ ମାସ ଲାଗି ସାମଗ୍ରିକ ପରିଚାଳନା ଉପରେ କଡ଼ା ନଜର ରଖାଯିବ।

## କୃଷକଙ୍କ ସ୍ୱାର୍ଥକୁ ...

ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଥିଲା ।

ଚଳିତ ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାୟ ୧୧.୮୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ୨, ୭୧, ୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିଛନ୍ତି । ଧାନ ଅମଳ ସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ୟ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ପ୍ରସ୍ତୁତି ଜାରି ରହିଛି ।

ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ସେମାନଙ୍କର ଧାନ ଯେପରି ସୁବିଧାରେ ବିକ୍ରୟ କରିପାରିବେ ସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସାଟେଲାଇଟ୍ ଇମେଜରି ବ୍ୟବହାର ସହାୟକ ହୋଇଛି । ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଞ୍ଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପ୍ରେରଣ , ମିଲର ମାନଙ୍କ ଠାରୁ ନିର୍ଦ୍ଧାରିତ ସମ ପରିମାଣର ଚାଉଳ ସଂଗ୍ରହ ଏବଂ ବ୍ୟବସ୍ଥାର ସୁପରିଚାଳନା ସମ୍ପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଅନୁଧ୍ୟାନ କରିବା ସହିତ ବିଭିନ୍ନ ପରାମର୍ଶ ଦେଇଥିଲେ।

## ବିମାନବନ୍ଦରରୁ ...

ଟିକେଟ ସହ ଅଗ୍ରୀମ ଆକାରରେ ଟଙ୍କା ମିଳିବା ପରେ ସେ ଚାଲାଣ କରିଥାନ୍ତି। ବିଶେଷକରି ଚାଲାଣକାରୀ ର୍ୟାକେଟର କୌଣସି ବ୍ୟକ୍ତିଙ୍କୁ ଜାଣି ନ ଥାନ୍ତି। ଫୋନ୍‌ରେ ଡିଲ୍ ହେବାପରେ ଅନ୍ୟଜଣେ ବ୍ୟକ୍ତି ଆସି ବିମାନ ବନ୍ଦର ବାହାରୁ ମାରିଜୁଆନା ଦେବା ପରେ ପଳାଇଯାଇଥାନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଏଠାରେ ଥିବା ବ୍ୟକ୍ତି ରିସିଭ୍ କରି ନେଇଥାନ୍ତି। ର୍ୟାକେଟ୍‌ରେ ଥିବା ବ୍ୟକ୍ତିମାନେ କେହି କାହାକୁ ଜାଣି ନ ଥାନ୍ତି ବୋଲି ଡିଆରଆଇ ତଦନ୍ତରୁ ଜଣାପଡ଼ିଛି। ମାତ୍ର ୫ଦିନରେ ୩ ଥର ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ଗତ ଡିସେମ୍ବର ୩୦ ଏବଂ ୩୧ ତାରିଖରେ ମଧ୍ୟ ବିମାନ ବନ୍ଦରରୁ ମାରିଜୁଆନା ଧରା ହୋଇଥିଲା।

## ଇସ୍କନ ବିରୁଦ୍ଧରେ ...

ଉଦ୍‌ବେଗ ଜଣାଇଛନ୍ତି ଗଜପତି । ସେ କହିଛନ୍ତି ଯେ, ସେମାନେ ଜାଣି ନାହାନ୍ତି ଏହା କେତେ ବ୍ୟତିକ୍ରମ । ଆମେ ଯଦି ନିଜକୁ ମହାପ୍ରଭୁଙ୍କ ଭକ୍ତ ବୋଲି କହୁଛେ ତାହଲେ ମହାପ୍ରଭୁଙ୍କ ଆଦେଶ ପାଳନ କରିବା ଉଚିତ ବୋଲି କହିଛନ୍ତି ଗଜପତି । ଅଷାଢ ମାସ ଶୁକ୍ଲପକ୍ଷ ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ନବାଦିନାତ୍ମକ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ମହାପ୍ରଭୁଙ୍କ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ମହାପ୍ରଭୁଙ୍କର ଆଉ କାହାର ନୁହେଁ । ମହର୍ଷି ବେଦବ୍ୟାସ ଯାହା ଲେଖିଛନ୍ତି ତାହା ପାଳନ କରିବା ଆବଶ୍ୟକ ବୋଲି ଗଜପତି କହିଛନ୍ତି । ଗଜପତି ଆହୁରି କହିଛନ୍ତି ବର୍ଷକୁ ଦୁଇଥର ବାହାରକୁ ଆସିବାକୁ ମହାପ୍ରଭୁଙ୍କ ନିର୍ଦ୍ଦେଶ ରହିଛି । ଆମେ ବର୍ଷସାରା ମହାପ୍ରଭୁଙ୍କୁ ବାହାରକୁ ଆଣିପାରିବା ନାହିଁ ।

## ଆହୁରି ବଢିବ...

ପାଇବ ବୋଲି ଆଶା କରାଯାଉଛି। ଜାନୁଆରୀ ୬ ତାରିଖରେ ତାପମାତ୍ରା ସ୍ୱାଭାବିକ ଉପରେ ଏବଂ ତା'ପରେ ସ୍ୱାଭାବିକ ରହିବ ବୋଲି ଆଶା କରାଯାଉଛି।

## ଭେନେଜୁଏଲା...

ହାସଲ ନହେବା ପର୍ଯ୍ୟନ୍ତ ୱାଶିଂଟନ ଭେନେଜୁଏଲାକୁ ନିୟନ୍ତ୍ରଣ କରିବ। ଏହାର ଅର୍ଥ କ'ଣ ଆମେରିକା ଭେନେଜୁଏଲାର ଆଭ୍ୟନ୍ତରୀଣ ବ୍ୟାପାରରେ ସମ୍ପୂର୍ଣ୍ଣ ହସ୍ତକ୍ଷେପ କରିବ କି ବୋଲି ଅନ୍ତର୍ଜାତୀୟ ସ୍ତରରେ ପ୍ରଶ୍ନ ଉଠିବାରେ ଲାଗିଛି। ଭେନେଜୁଏଲାର ଜାତିସଂଘ ପ୍ରତିନିଧି ସାମୁଏଲ୍ ମୋନକାଡା ଆମେରିକା ବିରୋଧରେ ଏକ କଠୋର ବିବୃତି ଜାରି କରି ଏହାକୁ ଭେନେଜୁଏଲାର ଗଣତନ୍ତ୍ର ସରକାରଙ୍କୁ ଏକ କଠୋର ସରକାର ସ୍ଥାପନ କରିବା ପାଇଁ ଏକ 'ଉପନିବେଶିକ ଯୁଦ୍ଧ' ବୋଲି ଅଭିହିତ କରିଛନ୍ତି। ଆମେରିକା ପ୍ରକୃତରେ ନିଜ ସ୍ୱାର୍ଥ ପାଇଁ ଭେନେଜୁଏଲାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରିବାକୁ ଚେଷ୍ଟା କରୁଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

# ପ୍ରଗତି ମଞ୍ଚର ହସ୍ତକ୍ଷେପ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣକୁ କରୁଛି ତ୍ୱରାନ୍ୱିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଗତି ମଂଚ ଦେଶରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ତ୍ୱରିତ ଏବଂ ସମୟୋଚିତ କାର୍ଯ୍ୟକାରିତାରେ ବିଶେଷ ଭାବେ ସହାୟକ ହୋଇଛି । ଏହାର ଏକ ଉଦାହରଣ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ୭୦ କିଲୋମିଟର ଲମ୍ବ ଏହି ପ୍ରକଳ୍ପକୁ ମାର୍ଚ୍ଚ ୨୦୧୨ରେ ମଞ୍ଜୁର କରାଯାଇଥିଲା। ପ୍ରକଳ୍ପ ଲାଗି ରେଳ ମନ୍ତ୍ରଣାଳୟ ୧,୬୫୦ କୋଟି ଟଙ୍କା ମଞ୍ଜୁର କରିଥିଲା। ୨୦୧୫ ଜୁଲାଇ ମାସରେ ପୁରୀରେ ଶ୍ରୀଜିଉଙ୍କ ନବକଳେବର ଉତ୍ସବକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପକୁ ମଞ୍ଜୁରି ମିଳିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାରେ ଥିବା ପ୍ରମୁଖ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀକୁ ସୁବିଧାଜନକ ରେଳ ସଂଯୋଗୀକରଣ ଯୋଗାଇ ଦେବ। ଶ୍ରୀକ୍ଷେତ୍ରରେ ନବକଳେବର ଦେଖିବା ଲାଗି ୫୦ ଲକ୍ଷ ଭକ୍ତଙ୍କ ସମାଗମ ହେବ ବୋଲି ଆଶା କରାଯାଉଥିଲା। ତେଣୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଏହି ରେଳ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବା ଜରୁରୀ ହୋଇପଡ଼ିଥିଲା। ଇତିମଧ୍ୟରେ ଭୁବନେଶ୍ୱର-ଡେଲାଙ୍ଗ ସେକ୍ସନ ୪୦ କିଲୋମିଟର ରେଳ ଲାଇନ ଏବଂ ଡେଲାଙ୍ଗ-ସାକ୍ଷୀଗୋପାଳ ସେକ୍ସନ ୧୩ କିଲୋମିଟର ରେଳ ଲାଇନର ଦୋହରୀକରଣ ସରିଥିଲା। କିନ୍ତୁ ୧୭ କିଲୋମିଟର ବିଶିଷ୍ଟ ସାକ୍ଷୀଗୋପାଳ-ପୁରୀ ସେକ୍ସନ କାମ ସରିବାରେ ବିଳମ୍ବ ହୋଇଥିଲା। ଠିକ୍ ସମୟରେ ଏହି କାମକୁ ସାରିବା ସହିତ ସମ୍ପୂର୍ଣ୍ଣ ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନକୁ ନବକଳେବର ପୂର୍ବରୁ କାର୍ଯ୍ୟକ୍ଷମ କରିବା ଏକ ବଡ଼ ଆହ୍ୱାନ ଥିଲା। ନିର୍ମାଣ କାମକୁ ଗତିଶୀଳ କରିବା ଏବଂ ସବୁ ବିଳମ୍ବିତ କାର୍ଯ୍ୟକୁ ଯଥାଶୀଘ୍ର ସାରିବା ଜରୁରି ହୋଇପଡ଼ିଥିଲା। ଏହି ପ୍ରକଳ୍ପର ଗୁରୁତ୍ୱକୁ ଉପଲବ୍ଧି କରି ୨୪ ଜୁନ୍ ୨୦୧୫ରେ ଅନୁଷ୍ଠିତ ପ୍ରଗତି ବୈଠକରେ ଏହାର ସମୀକ୍ଷା କରାଯାଇଥିଲା। ସମୀକ୍ଷା ସମୟରେ, ନବକଳେବର ମହୋତ୍ସବ ପାଇଁ ଏହି ପ୍ରକଳ୍ପ ଜରୁରି ହୋଇଥିବାରୁ ରେଳ ମନ୍ତ୍ରଣାଳୟ ଯଥାଶୀଘ୍ର ସବୁ କାମ ସାରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପ୍ରକଳ୍ପକୁ ସର୍ବୋଚ୍ଚ ପ୍ରାଥମିକତା ମାନ୍ୟତା ମିଳିଥିଲା। କାର୍ଯ୍ୟକାରୀ ସଂସ୍ଥା ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପ୍ରୟାସକୁ ବ୍ୟାପକ କରିଥିଲା। ବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରାଯାଇ ଯଥାଶୀଘ୍ର ସବୁ କାମ ସାରିବାକୁ ପଦକ୍ଷେପ ନିଆଯାଇଥିଲା। ଅନ୍ୟପକ୍ଷରେ ପ୍ରଗତି ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ ନେଇ ନବକଳେବର ମହୋତ୍ସବକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲା। ସୁରକ୍ଷା, ପାନୀୟ ଜଳ ଯୋଗାଣ ଏବଂ ସ୍ୱଚ୍ଛତା ଉପରେ ପ୍ରାଥମିକତା ଦେବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା। ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳ ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଏହି ବିଶାଳ ଧାର୍ମିକ ମହୋତ୍ସବର ଜାତୀୟ ପ୍ରଭାବକୁ ସ୍ୱୀକାର କରି ପ୍ରଗତି ମଂଚ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ବ୍ୟତୀତ ଜ୍ଞାନ ବିନିମୟ ଏବଂ ସଂସ୍ଥାଗତ ଶିକ୍ଷା ଲାଭ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲା। ଆଗକୁ ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ କୁମ୍ଭ ମେଳା ଆୟୋଜନ ହେବାକୁ ଥିବାରୁ ନବକଳେବର ପ୍ରସ୍ତୁତି ଅନୁଧ୍ୟାନ ଲାଗି ପୁରୀରେ ଦଳ ନିୟୋଜିତ କରିବା ଲାଗି ପରାମର୍ଶ ଦିଆଯାଇଥିଲା। ଏହି ଦୂରଦୃଷ୍ଟିପୂର୍ଣ୍ଣ ମାର୍ଗଦର୍ଶନ ଓଡ଼ିଶାର ପ୍ରୟାସକୁ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ କାର୍ଯ୍ୟକାରିତାଯୋଗ୍ୟ ଉଦାହରଣ ରୂପେ ଗ୍ରହଣ କରିବା ଲାଗି ମାର୍ଗ ପ୍ରଶସ୍ତ କରିଥିଲା। ଅନ୍ୟ ରାଜ୍ୟଗୁଡ଼ିକ ଓଡ଼ିଶାର ଶ୍ରେଷ୍ଠ ପ୍ରୟାସରୁ ଶିକ୍ଷା ଲାଭ କରିଥିଲେ ଏବଂ ଏହା ଏକ ବିଶାଳ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନରେ ଆନ୍ତଃରାଜ୍ୟ ସମନ୍ୱୟରେ ମଧ୍ୟ ସୁଧାର ଆଣିଥିଲା। ଭୁବନେଶ୍ୱର-ଡେଲାଙ୍ଗ-ପୁରୀ ରେଳ ଲାଇନ୍ ନବକଳେବର ୨୦୧୫ ସମୟରେ ୫୦ରୁ ୬୦ ଲକ୍ଷ ଯାତ୍ରୀଙ୍କ ଯାତାୟାତ ପାଇଁ ସୁବିଧା ଯୋଗାଇ ଦେଇଥିଲା। ଏହି କରିଡର ସିଙ୍ଗଲ ଲାଇନରୁ ଡବଲ୍ ଲାଇନ୍ ହେବା ଫଳରେ ଏହି ମାର୍ଗରେ ଟ୍ରେନ୍ ଏବଂ ଯାତ୍ରୀଙ୍କ କ୍ଷମତା ପ୍ରାୟ ୨ରୁ ୩ ଗୁଣ ବୃଦ୍ଧି ପାଇଥିଲା। ଅଧିକ ଭିଡ଼ ସମୟରେ ୧୦ରୁ ୧୫ ମିନିଟ୍ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥିଲା। ବର୍ଦ୍ଧିତ କ୍ଷମତା କାରଣରୁ ଭାରତୀୟ ରେଳବାଇ ଦୈନିକ ଲକ୍ଷାଧିକ ଯାତ୍ରୀଙ୍କ ପରିବହନ କରିବାକୁ ସକ୍ଷମ ହୋଇଥିଲା। କେବଳ ସେତିକି ନୁହେଁ ଏହି ରେଳ ପ୍ରକଳ୍ପ ସ୍ଥାନୀୟ ଅଂଚଳର ସାମାଜିକ ଆର୍ଥିକ ଲାଭ ସହିତ ଜନକଲ୍ୟାଣରେ ମଧ୍ୟ ସହାୟକ ହୋଇଥିଲା। ଭାରତର ଏକ ପ୍ରମୁଖ ତୀର୍ଥସ୍ଥଳକୁ ଅଧିକ ସଂଖ୍ୟାରେ ତୀର୍ଥଯାତ୍ରୀଙ୍କ ଯାତ୍ରା ସୁଗମ ହୋଇଥିଲା। ପାର୍ବଣ ଆବଶ୍ୟକତା ବ୍ୟତୀତ ଏହି ପ୍ରକଳ୍ପ ଦୀର୍ଘକାଳୀନ ଆଂଚଳିକ ଯୋଗାଯୋଗ, ପର୍ଯ୍ୟଟନ ଅଭିବୃଦ୍ଧି ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ମଧ୍ୟ ଯୋଗଦାନ ଦେଇଥିଲା।

# ବକେୟା ଥିବା ଏଜେନ୍ସିଙ୍କ ହୋର୍ଡିଂ କାଢିବ ବିଏମ୍‌ସି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ସାଧାରଣ ବୈଠକରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ ଓ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା ମଞ୍ଚାସୀନ ଥିଲେ । ଆଲୋଚନା ଆରମ୍ଭ ପୂର୍ବରୁ ରାଜ୍ୟ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ପରେ ଏଜେଣ୍ଡା ଅନୁସାରେ ଗୃହର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ ପଥ ଉତ୍ସବକୁ ଚଳିତ ବର୍ଷ ସ୍ୱତନ୍ତ୍ର ଭାବେ କରିବା ଏବଂ ଏଥିପାଇଁ ସମସ୍ତ କର୍ପୋରେଟର ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ କମିଶନର । କେବଳ ସେତିକି ନୁହେଁ ନୂଆ ବର୍ଷରେ କିଛି ନୂଆ ଆଶା ଓ କିଛି ନୂଆ କାର୍ଯ୍ୟ କରିବା ପାଇଁ କମିଶନର ସମସ୍ତଙ୍କୁ ଆହ୍ୱାନ ଦେବା ସହ ବିଏମ୍‌ସିକୁ ଦେଶର ସ୍ୱଚ୍ଛ ସହର ତାଲିକାର ପ୍ରଥମ ତିନୋଟି ସ୍ଥାନ ମଧ୍ୟରେ ରଖିବା ପାଇଁ କର୍ପୋରେଟରମାନଙ୍କର ସହାୟତା କାମନା କରିଛନ୍ତି । ଏହା ସହ ଟିଟିଏସ୍, ବାୟୋ ମାଇନିଂ, ଦୟା ୱେଷ୍ଟ ସହ ଅନେକ ବଡ ବଡ ପ୍ରକଳ୍ପ କାମ କରିବାକୁ ରହିଛି ବୋଲି ସେ କହିଥିଲେ। ଭୁବନେଶ୍ୱର ମହାନଗର ନିଗମକୁ ଦେଶର ସ୍ୱଚ୍ଛ ତାଲିକାର ତିନି ନମ୍ବର ଭିତରେ ରଖିବାକୁ ହେଲେ ସମସ୍ତ କର୍ପୋରେଟର ଓ ବିଏମ୍‌ସି ଅଧିକାରୀ, କର୍ମଚାରୀଙ୍କର ମିଳିତ ପ୍ରୟାସ ଦରକାର । ନୂଆ ବର୍ଷରେ ସେଥିପାଇଁ ସମସ୍ତେ ଆଗେଇ ଆସିବାକୁ ପ୍ରାରମ୍ଭିକ ଅଭିଭାଷଣରେ ମାନନୀୟା ମେୟର ଆହ୍ୱାନ ଦେଇଥିଲେ । ସମସ୍ତଙ୍କୁ ନବବର୍ଷ ୨୦୨୬ର ଅଭିନନ୍ଦନ ଜଣାଇବା ସହ ନୂଆ ବର୍ଷ ନୂତନ ଆଶା ଓ ଉଦ୍ଦିପନା ନେଇ ଆସୁଛି । ଗତବର୍ଷ ହୋଇଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ସମ୍ୟକ ସୂଚନା ଦେବା ସହ ଆଗାମୀ ଦିନରେ ଅନେକ କାର୍ଯ୍ୟ କରିବାର ଅଛି । ସଂପ୍ରତି ଆଉ ୨୪ଟି ୱାର୍ଡରେ ୱାର୍ଡ ଅଫିସ ହୋଇନଥିବା, ବର୍ଷା ଦିନ ପୂର୍ବରୁ ସମସ୍ତ ରାସ୍ତାଘାଟ ମରାମତି ତଥା ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବା, ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିବା ଆଦି ସଂପର୍କରେ ସୂଚନା ଦେଇଥିଲେ । ପରେ ଏଜେଣ୍ଡା ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡିକ କେତେଦୂର କାର୍ଯ୍ୟକାରୀ ହୋଇଛି, ସେ ସଂପର୍କରେ ଆଲୋଚନା କରାଯାଇଥିଲା। ପରେ କର୍ପୋରେଟର ଓ ଉପବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବ ଗୁଡିକ ଉପରେ ଆଲୋନଚା କରାଯାଇଥିଲା । ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ରାଜସ୍ୱ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ କମିଶନର। ରାଜସ୍ୱ ବୃଦ୍ଧି ଯେଉଁ ପରିମାଣରେ ହେବ, ସେହି ପରିମାଣରେ ୫ମ ଅର୍ଥ କମିଶନର ଅର୍ଥ ବରାଦ କରିବେ ବୋଲି କମିଶନର ଗୃହକୁ ଅବଗତ କରାଇଥିଲେ। ତେଣୁ ଟାକ୍ସ ଆଦାୟକୁ ଗୁରୁତ୍ୱ ଦିଆଯାଇଥିଲେ । ତେବେ ଆବଶ୍ୟକ କର୍ମଚାରୀ ନଥିବାରୁ ଜଣେ ଜଣେ ୱାର୍ଡ ଅଫିସର ଏକାଧିକ ୱାର୍ଡରୁ ଟାକ୍ସ କଲେକ୍ସନ କରୁଛନ୍ତି । ଫଳରେ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି କର୍ପୋରେଟରମାନେ ଅଭିଯୋଗ କରିଥିଲେ । ତେବେ ରାଜ୍ୟ ସରକାରଙ୍କୁ ଏ ସଂପର୍କରେ ପତ୍ର ଲେଖାଯିବ ଏବଂ ରାଜ୍ୟ ସରକାର ଚାହିଁଲେ, ଟାକ୍ସ କଲେକ୍ଟର ନିଯୁକ୍ତି କରିପାରିବେ ବୋଲି ଗୃହକୁ ଅବଗତ କରାଇଥିଲେ କମିଶନର । ମୋଟ ୧୫ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହେବା ସହ ନିଷ୍ପତ୍ତି ନିଆଯାଇଛି ।

# ନବୋଦୟ ବିଦ୍ୟାଳୟରେ ୨୫ରୁ ଉର୍ଦ୍ଧ୍ୱ ଛାତ୍ର ଜଣ୍ଡିସରେ ଆକ୍ରାନ୍ତ




**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା। ଗୁରୁଜଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ୨୫ରୁ ଉର୍ଦ୍ଧ୍ୱ ଛାତ୍ର ଜଣ୍ଡିସ (ହେପାଟାଇଟିସ-ଏ)ରେ ଆକ୍ରାନ୍ତ ହୋଇଛନ୍ତି । ରବିବାର ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ ଅକ୍ଟୋବର ମାସରୁ ପୂଜା ଛୁଟିରୁ ଫେରିବା ପରେ ଜଣେ ଛାତ୍ର ଥଣ୍ଡା ଜ୍ୱରରେ ପୀଡିତ ହୋଇଥିଲେ। ତାଙ୍କ ଠାରେ ହେପାଟାଇଟିସ ଏ ଲକ୍ଷଣ ଦେଖାଯାଇଥିଲା। ପରେ ନଭେମ୍ବର ମାସରେ ୬ଜଣ, ଡିସେମ୍ବର ମାସରେ ୯ଜଣ ଆକ୍ରାନ୍ତ ହୋଇଥିବା ଆଜି ହଠାତ ଅପରାହ୍ନରେ ୧୦ଜଣ ଛାତ୍ର ଭୀଷଣ ଥଣ୍ଡା ଜ୍ୱରରେ ପୀଡିତ ଛାତ୍ରଙ୍କୁ ମେଡିକାଲ ନିଆଯାଇଥିଲା। ଟେଷ୍ଟ ପରେ ତାଙ୍କ ଦେହରେ ହେପାଟାଇଟିସ ଏ ଅର୍ଥାତ ଜଣ୍ଡିସ ପ୍ରଥମ ଲକ୍ଷଣ ଚିହ୍ନଟ ହୋଇଥିଲା। ଖବରପାଇ ପରିବାର ଲୋକେ ପହଂଚିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିବା ବିଦ୍ୟାଳୟ ଉପାଧ୍ୟକ୍ଷ ଏନ ସି ଚକ୍ର ସୂଚନା ଦେଇଛନ୍ତି। ଉପାଧ୍ୟକ୍ଷଙ୍କ ସୂଚନା ମୁତାବକ ଏହି ବିଦ୍ୟାଳୟରେ ୬ଷ୍ଠ ଠାରୁ ୧୨ ପର୍ଯ୍ୟନ୍ତ ୫୭୦ଛାତ୍ର ରହୁଛନ୍ତି । ଏହି ଘଟଣା ପରେ ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ଏବଂ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ସୋମବାର ସମସ୍ତ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। କୌଣସି ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ପଠାଯିବା ବ୍ୟବସ୍ଥା କରାଯିବ । ଛାତ୍ରାବାସରେ ରହୁଥିବା ପିଲାଙ୍କ ସ୍ୱଚ୍ଛତା ଉପରେ ସଚେତନ କରାଯିବ। ଖାଇବା ପୂର୍ବରୁ ହାତ ଭଲ ଭାବେ ଧୋଇବେ। ଝାଡ଼ା, ଶୌଚ ପରେ ହାତ ଗୋଡ ମୁହଁ ଭଲ ଭାବେ ଧୋଇବେ। କେବଳ ଫୁଟା ପାଣି ପିଇବେ। ଅନ୍ୟର ବୋତଲ, ଥାଳି ବ୍ୟବହାର କରିବେ ନାହିଁ ବୋଲି ବ୍ୟାପକ ସଚେତନ କରାଯିବ ବୋଲି କହିଛନ୍ତି ।

# ୨୦୦୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ



**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଧାମନଗର ବ୍ଲକ ଅନ୍ତର୍ଗତ ଏସ.ଏ.ଜେ ହାଇସ୍କୁଲ ଦୋବଲ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୫ ମସିହା ବ୍ୟାଚର ବନ୍ଧୁ ମିଳନ ସ୍ଥାନୀୟ ମଠବାଡି ଠାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏହି ବ୍ୟାଚର ପିଲାମାନେ ବନ୍ଧୁ ମିଳନ କରିଥିଲେ। ପିଲାମାନେ ଅତୀତ ସ୍କୁଲ ଜୀବନର ସ୍ମୃତିକୁ ମନେପକାଇ ଭାବ ବିହ୍ୱଳ ହୋଇଥିଲେ । ପିଲାମାନେ ଫେରିଆସନ୍ତା କି ପିଲାଦିନ ଏକ ଶୀର୍ଷକ ଆଲୋଚନା କରିଥିଲେ । ଛାତ୍ର ଛାତ୍ରୀମାନେ ସ୍କୁଲ ଜୀବନର ଅନୁଭୂତିକୁ ବଖାଣି ଥିଲେ । ସ୍କୁଲ ଜୀବନର କିପରି ରୋମାଞ୍ଚକର ଓ ସ୍ମୃତି ମଧୁର ଥିଲା ତାହା ଆଲୋଚନା କରିଥିଲେ । ଅପରାହ୍ନରେ ଭୋଜନର ବ୍ୟବସ୍ଥା କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଭୁବନେଶ୍ୱର
୦୫ ଜାନୁଆରୀ,
ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ପଥ ଉତ୍ସବରେ ଦୁଲୁକିଲା ଜନପଥ : ଶୀତରେ ଉଷ୍ମତା ଭରିଲେ ପପୁ ପମ୍‌ପମ୍, ଅନ୍ତରା ଚକ୍ରବର୍ତ୍ତୀ

**ଭୁବନେଶ୍ୱର ୦୪/୦୧**
**ନ୍ୟୁଜ ବ୍ୟୁରୋ**



ରାଜଧାନୀକୁ ଫେରିଲା ପଥୋତ୍ସବ। ବର୍ଷର ପ୍ରଥମ ରବିବାରରେ ଜମିଲା ମାହୋଲ। ଶୀତୁଆ ସକାଳରେ ପଥୋତ୍ସବର ମଜା ନେଲେ ରାଜଧାନୀ ବାସିନ୍ଦା। ଚଳିତ ବର୍ଷ ପଥ ଉତ୍ସବକୁ ଟିକିଏ ନିଆରାଢଙ୍ଗରେ ପାଳନ କରାଯାଉଛି। ଜନପଥରେ ଯୋଗ, ଜୁମ୍ବା, ରଙ୍ଗୋଲି, କିଡ୍ସ କିଙ୍ଗଡମ୍, ସ୍କେଟିଂ, ଚିତ୍ରାଙ୍କନ, ପାରମ୍ପରିକ ନୃତ୍ୟ ଗୀତରେ ଝୁମିଛନ୍ତି ଦର୍ଶକ। ଖାଲି ସେତିକି ନୁହେଁ ଦର୍ଶକଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଭୁବନେଶ୍ୱର ଗଡ ଟ୍ୟାଲେଣ୍ଟ ମଞ୍ଚ ପ୍ରଦର୍ଶନ କରିଛନ୍ତି। ଏଥିରେ ନୃତ୍ୟ, ଗୀତ, ଏକକ ଅଭିନୟ, ମିମିକ୍ରି ଆଦି ପ୍ରତିଭା ଦେଖାଉଛନ୍ତି ଦର୍ଶକ। ପଥୋତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ଉପସ୍ଥିତ ଥିଲେ। ଶୀତରେ ଉଷ୍ମତା ଭରିଲେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, କମେଡିରେ ହସି ହସି ବେଦମ କଲେ ପପୁ ପମପମ୍। ଏତିକିରେ ଉତ୍ସବ ସୀମିତ ନାହିଁ। ଶୀତୁଆ ସକାଳରେ ଖାଦ୍ୟ ମଜା ନେଲେ ରାଜଧାନୀବାସୀ। ସେହିପରି ମହିଳା ଓ ବାଳିକାମାନଙ୍କ ପାଇଁ ରଙ୍ଗୋଲି, ପୁଚି, ଚିତ୍ରାଙ୍କନ ରହିଥିବା ବେଳେ ଫେସ୍ ପେଣ୍ଟିଂ କରି ଶିଶୁମାନେ କିଡ୍ସ କିଙ୍ଗଡମରେ ବିଭୋର ହୋଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଜାନୁଆରୀ ୧୮ ତାରିଖରେ ନୂଆ ଜାଗମରା ବରମୁଣ୍ଡା ରାସ୍ତା ଏବଂ ଫେବୃୟାରୀ ୧ ତାରିଖରେ ଇନ୍ଫୋସିଟି ଠାରେ ପଥ ଉତ୍ସବ ଚାଲିବ।

## ପ୍ରଦୂଷଣ ରୋକିବାକୁ ସରକାରଙ୍କ ଅଭିନବ ପଦକ୍ଷେପ

# ଶବଦାହରେ ବ୍ୟବହାର ହେବ ଗୋବର ପ୍ରସ୍ତୁତ ଜାଳେଣୀ : ମନ୍ତ୍ରୀ

**ଭୁବନେଶ୍ୱର,୦୪/୦୧**
**ନ୍ୟୁଜ ବ୍ୟୁରୋ**



ଗୋବରରେ ପ୍ରସ୍ତୁତ କାଠକୁ ବହୁଳ ଭାବେ ବ୍ୟବହାର କରିବାକୁ ସରକାର ଯୋଜନା କରୁଛନ୍ତି। ଶବଦାହ ପାଇଁ ଗୋବର ବ୍ୟବହାର କରାଯାଉଛି। ନୂଆପଡା, ଚୌଦ୍ୱାର, ଅନୁଗୁଳ ଓ ସତୀଚଉରା ସ୍ମଶାନରେ ଗୋବରରେ ଶବଦାହ କରାଯାଉଛି। ପୁରୀ ସ୍ୱର୍ଗଦ୍ୱାରରେ ଗୋବର କାଠ ବ୍ୟବହାର ନେଇ ଆଲୋଚନା ହୋଇଛି। ଏହା ଦ୍ୱାରା ପ୍ରଦୂଷଣ ରୋକାଯାଇ ପାରିବ। ସେପଟେ ବୃକ୍ଷ ବି କାଟିବା ଦରକାର ପଡ଼ିବ ନାହିଁ। ସାଧାରଣତଃ ଶବଦାହ ପାଇଁ ଗଛ କାଟି କାଠ ବ୍ୟବହାର କରୁଥିବା ବେଳେ ଗୋବର କାଠର ବ୍ୟବହାର ଦ୍ୱାରା କିଛି କାଟିବା ବନ୍ଦ ହେବା ସହିତ ଜଙ୍ଗଲ ସଂରକ୍ଷଣ ମଧ୍ୟ ହେବ। ଗୋବର ପୂର୍ବରୁ ଆମର ଧାର୍ମିକ ଭାବନା ସହିତ ଜଡ଼ିତ। କମ ବ୍ୟୟରେ ଏହାକୁ ଉପଯୋଗ କରିହେବ। ଆଗକୁ ଏହାର ଆହୁରି ପ୍ରଚାର ପ୍ରସାର ହେବ। ଏମଏସଏମଇରେ ଦୁଇ ଜଣ ଉଦ୍ୟୋଗୀ ଗୋବରରୁ ରଙ୍ଗ ତିଆରି କରୁଛନ୍ତି ବୋଲି ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

## ଶେଷ ନିଶ୍ୱାସ ନେଉଛି ମାଓ ସଂଗଠନ

# ଛତିଶଗଡ଼ରେ ୪୦ ନକ୍ସଲଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୪।୧**
**ନ୍ୟୁଜ ବ୍ୟୁରୋ**



ଭୁଶୁଡୁଛି ଲାଲ୍‌ଗଡ଼। ଛତିଶଗଡ଼ରେ ଶେଷ ନିଶ୍ୱାସ ନେଉଛି ମାଓ ସଂଗଠନ। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ବଡ଼ ଧରଣର ଏନକାଉଣ୍ଟର ହୋଇଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୧୨ଜଣ ମାଓବାଦୀ ନିହତ ହୋଇଛନ୍ତି। କିସ୍ତାରାମ ଜଙ୍ଗଲରେ ଯବାନଙ୍କ ସହ ମୁହାଁମୁହିଁ ୫୦ରୁ ଅଧିକ ମାଓବାଦୀ ହୋଇଥିଲେ। ହେଲେ ଯବାନଙ୍କ ଗୁଳିରେ କୋଣ୍ଟା ଏରିଆ କମିଟିର ମାଓ କମାଣ୍ଡର ମଙ୍ଗଡୁଙ୍କ ସହ ୧୨ ଜଣ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଏକେ-୪୭ ଓ ଇନ୍‌ସାସ୍ ଭଳି ଅନେକ ଅତ୍ୟାଧୁନିକ ବନ୍ଧୁକ ସହ ଭାରି ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସେହିପରି ବିଜାପୁର ଜିଲ୍ଲାର ବାସାଗୁଡ଼ା ଜଙ୍ଗଲରେ ଆଉ ଏକ ଏନକାଉଣ୍ଟର ହୋଇଥିବାବେଳେ ସେଠାରେ ୨ ଜଣ ହାର୍ଡକୋର୍ ମାଓବାଦୀ ପ୍ରାଣ ହରାଇଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିରେ ମୋଟ୍ ୧୪ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ସେପଟେ ଭୟଭୀତ ହୋଇ ବିଜାପୁର ମାଓ ସଙ୍ଗଠନର ଶୀର୍ଷ ନେତା ବାରସେ ଦେବୀଙ୍କ ସହ ୪୦ ଜଣ ମାଓବାଦୀ ତେଲେଙ୍ଗାନାରେ ଆତ୍ମସମର୍ପଣ କରିଛନ୍ତି। ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ମାଓ ମୁକ୍ତ ଭାରତ ଗଠନ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ ବର୍ଷ ଆରମ୍ଭରୁ ମାଓ ସଙ୍ଗଠନକୁ ନେଇ ବଡ଼ ଖବର ଛତିଶଗଡ଼ ବସ୍ତର ଅଞ୍ଚଳରୁ ଆସିଛି। ମାଓବାଦୀଙ୍କ ସବୁଠାରୁ ଘାତକ ବାଟାଲିୟନ ପିଏଲ୍‌ଜିଏ ନମ୍ବର ୧ର କମାଣ୍ଡର ବାରସେ ଦେବା ଓରଫ ସୁକ୍କା ତାଙ୍କର ୪୦ଜଣ ସହଯୋଗୀଙ୍କ ସହ ତେଲେଙ୍ଗାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବାରସେ ଦେବା ଏବଂ ତାଙ୍କ ସହଯୋଗୀମାନେ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଅଞ୍ଚଳ ଛାଡ଼ି ତେଲେଙ୍ଗାନା ଡିଜିପିଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ବାରସେ ଦେବା ଛତିଶଗଡ଼ର ମୋଷ୍ଟ ଓ୍ୱାଣ୍ଟେଡ୍ ନକ୍ସଲମାନଙ୍କ ମଧ୍ୟରୁ ଜଣେ ଥିଲେ। ତାଙ୍କ ମୁଣ୍ଡ ଉପରେ ୫୦ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସେ ମାଡଭି ହିଡ଼ମାଙ୍କ ଘନିଷ୍ଠ ସହଯୋଗୀ ଥିଲେ ଏବଂ ତାଙ୍କ ମୃତ୍ୟୁ ପରେ ବାଟାଲିୟନ ନମ୍ବର ୧ର ଦାୟିତ୍ୱ ନେଇଥିଲେ। ଆତ୍ମସମର୍ପଣ ପରେ ସମସ୍ତଙ୍କୁ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବ ବୋଲି ତେଲେଙ୍ଗାନା ଡିଜିପି କହିଛନ୍ତି।

# ୯ରୁ କିମ୍‌ସରେ ଏଏପିଆଇ ଗ୍ଲୋବାଲ୍ ହେଲ୍‌ଥକେୟାର ସମିଟ୍-୨୦୨୬

**ଭୁବନେଶ୍ୱର, ୪ ।୧୨**
**ନ୍ୟୁଜ ବ୍ୟୁରୋ**




ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ-ଏଏପିଆଇ) ପକ୍ଷରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (କିମ୍‌ସ)ରେ ଗ୍ଲୋବାଲ୍ ହେଲ୍‌ଥକେୟାର ସମିଟ୍ ୨୦୨୬ ଆୟୋଜିତ ହେଉଛି। ଜାନୁଆରୀ ୯ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ବହୁ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଏକତ୍ରିତ ହେବେ। ଏ ନେଇ ଏଏପିଆଇ ଗ୍ଲୋବାଲ୍ ହେଲ୍‌ଥକେୟାର ସମିଟ୍‌ର ଅଧ୍ୟକ୍ଷ ତଥା ଏଏପିଆଇ ସଭାପତି ଡା. ଅମିତ ଚକ୍ରବର୍ତ୍ତୀ ଓ ଓଡ଼ିଶା ଫିଜିସିଆନ୍‌ସ ଅଫ୍ ଆମେରିକାର ସଭାପତି ଡା. ଅତସୁ ନାୟକ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ବିଶ୍ୱ ସ୍ୱାସ୍ଥ୍ୟକୁ ଆଗକୁ ବଢ଼ାଇବା, ଭାରତ-ଆମେରିକା ସ୍ୱାସ୍ଥ୍ୟସେବା ସହଯୋଗକୁ ସୁଦୃଢ଼ କରିବା ସହ ଡାକ୍ତରୀ ଶିକ୍ଷା, ଗବେଷଣା ଓ କ୍ଲିନିକାଲ୍ କେୟାରରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏଏପିଆଇର ନିରନ୍ତର ଅଭିଯାନ ଉପରେ ଗୁରୁତ୍ୱାରୋପ କରିବ। ଏହି ସମ୍ମିଳନୀ ପ୍ରଯୁକ୍ତିବିଦ୍ୟା, ନବସର୍ଜନା ଓ ବିଶ୍ୱ ସ୍ୱାସ୍ଥ୍ୟ କ୍ଷମତା ନିର୍ମାଣ ଉପରେ କେନ୍ଦ୍ରିତ ଏକ ଭବିଷ୍ୟତବାଦୀ ବିଷୟବସ୍ତୁ ଉପରେ ଆୟୋଜିତ ହେବ। ବ୍ୟାପକ ଶୈକ୍ଷିକ କାର୍ଯ୍ୟସୂଚୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପଯୋଗୀ ହେବ। ଏଥିରେ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟରେ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପସ୍ଥାପନା, ବିଶ୍ୱ ଚିକିତ୍ସା ଅଭ୍ୟାସରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଉପରେ ଏକ ଉଚ୍ଚ-ପ୍ରଭାବ ପୂର୍ଣ୍ଣ ଅଧିବେଶନ ଏବଂ ଉନ୍ନତ ସିମ୍‌ମ୍ୟାନ ୩ଜି ପ୍ଲସ ସିମୁଲେସନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଜରୁରୀକାଳୀନ ଏବଂ ପୁନରୁତ୍ଥାନ କର୍ମଶାଳା ଆୟୋଜିତ ହେବ। ଶିକ୍ଷା ଭିତ୍ତିକ ଆଲୋଚନା ବ୍ୟତୀତ ଏହି ସମ୍ମିଳନୀ ସାମୁଦାୟିକ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଦୃଢ଼ ଗୁରୁତ୍ୱ ଦେବ। ଏଥିରେ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କୁ ତାଲିମ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସିପିଆର କାର୍ଯ୍ୟକ୍ରମ, ଏଚପିଭି ସଚେତନତା, ଟୀକାକରଣ ଅଭିଯାନ ଓ ଏଏପିଆଇ ଷ୍ଟେମ୍ ସେଲ୍ ରେଜିଷ୍ଟ୍ରି ଡ୍ରାଇଭ୍ ଆଦି ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀରେ 'ସ୍ୱାସ୍ଥ୍ୟସେବାରେ ମହିଳା: ଚ୍ୟାଲେଞ୍ଜ' ଉପରେ ଏକ ସ୍ୱତନ୍ତ୍ର ସିଏମଇ ମଧ୍ୟ ଆୟୋଜିତ ହେବ। ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା; ରୋବୋଟିକ୍ ଏବଂ ସର୍ବନିମ୍ନ ଇନ୍‌ଭେସିଭ୍ ଶଲ୍ୟଚିକିତ୍ସା ଉଦ୍ଭାବନ; ଜରୁରୀକାଳୀନ ଏବଂ ଗୁରୁତର ଯତ୍ନ ଉନ୍ନତି; ଜୀବନଶୈଳୀ ଏବଂ ସମନ୍ୱିତ ଔଷଧ; ଦୀର୍ଘକାଳୀନ ରୋଗ ନିବାରଣ ଏବଂ ପରିଚାଳନା; ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପ; ଡାକ୍ତରୀ ଛାତ୍ରଛାତ୍ରୀଙ୍କ କ୍ଷମତା ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବା ନେତୃତ୍ୱର ମହିଳା ଆଦି ଅନ୍ତର୍ଭୁକ୍ତ ରହିବ। ଆମେରିକୀୟ ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ ହେଉଛି ଆମେରିକାର ସବୁଠାରୁ ବଡ଼ ଚିକିତ୍ସକ ସଂଗଠନ ମଧ୍ୟରୁ ଅନ୍ୟତମ। ଏହା ଭାରତୀୟ ଐତିହ୍ୟରୁ ଚିକିତ୍ସକଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରି ଚିକିତ୍ସା ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟସେବା ନୀତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପଦକ୍ଷେପକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

## ୪୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ସିଆରଆରଆଇ ଥାନା ଅଧିକାରୀ

**କଟକ, ୦୪/୦୧ ନ୍ୟୁଜ ବ୍ୟୁରୋ**

ଜଣେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିଲେ, ଧରାପଡ଼ିଲେ ଥାନା ବାବୁ ବିଜୟ କୁମାର ବାରିକ। ପୁଣି ଘରୁ ମିଳିଲା ନଗଦ ୫ ଲକ୍ଷ ଟଙ୍କା। ଏହାପରେ କଟକ ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଗିରଫ କରିଛି ଭିଜିଲାନ୍ସ। ରବିବାର କଟକର ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଭୁବନେଶ୍ୱରର ରାଜମହଲ ଛକରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ସେ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ମାଗୁଥିଲେ। ଅଭିଯୁକ୍ତ ଶ୍ରୀ ବାରିକଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାପରେ ଶ୍ରୀ ବାରିକଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି। ଏନେଇ ଅଭିଯୁକ୍ତ ବିଜୟ ବାରିକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ଭୁବନେଶ୍ୱରର ୟୁନିଟ୍-୧ ସ୍ଥିତ ବିଜୟ କୁମାର ବାରିକଙ୍କ ସରକାରୀ କ୍ୱାର୍ଟରରେ ଚଢ଼ଉ ସମୟରେ ପ୍ରାୟ ୫ ଲକ୍ଷ ଟଙ୍କା ଜବତ ହୋଇଛି। ଲାଞ୍ଚ ଦାବି ଏବଂ ଜବତ ହୋଇଥିବା ଟଙ୍କାର ଉତ୍ସ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ଜାରି ରହିଛି।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କର୍ଣ୍ଣିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବିଶ୍ୱପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ମଥୁରାନଗରୀ, ୪/୧**
**ନ୍ୟୁଜ ବ୍ୟୁରୋ**



ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ ହୋଇଛି। ୧୧ଦିନ ଧରି ଚାଲିଥିବା ଏହି ମହୋତ୍ସବର ଅନ୍ତିମ ଦିବସରେ କଂସବଧ ଦୃଶ୍ୟାଭିନୟ ହୋଇଥିଲା। କଂସବଧ ପରେ ଉଗ୍ରସେନଙ୍କ ରାଜ୍ୟାଭିଷେକ ହୋଇଥିଲା ଏବଂ ଚଳିତବର୍ଷର ଧନୁଯାତ୍ରା ମହୋତ୍ସବ ଶେଷ ହୋଇଥିଲା। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ବରଗଡ଼ (ମଥୁରାନଗରୀ)ରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। ଅନ୍ୟଦିନ ଭଳି କଂସ ମହାରାଜ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ। ଭ୍ରମଣ ସାରି କଂସ ମହାରାଜ ଲୋକମଣ୍ଡପ ପଡ଼ିଆସ୍ଥିତ ରାଜ ଦରବାରକୁ ପହଞ୍ଚି ଥିଲେ। ସେଠାରେ ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେନାପତି, ମହାମନ୍ତ୍ରୀ, ଚାଣୁର, ମୁଷ୍ଟିକ ଆଦି ସୈନ୍ୟ, ସାମନ୍ତଙ୍କ ସହିତ ସେ ରଣକୌଶଳ କରିଥିଲେ। ଶ୍ରୀକୃଷ୍ଣ, ବଳରାମ ମଥୁରା ଭ୍ରମଣ କରିଥିଲେ। ଘରେଘରେ ମଥୁରାବାସୀ ବେନିଭାଇଙ୍କୁ ପୂଜାର୍ଚ୍ଚନା କରିଥିଲେ। ଦୋଳିରେ ବସାଇ ବେନିଭାଇଙ୍କୁ ମଥୁରାବାସୀ ଝୁଲାଇଥିଲେ ଏବଂ ଏହି ଦୃଶ୍ୟାଭିନୟ ଚିତ୍ତାକର୍ଷକ ହୋଇଥିଲା। ପରେ ହାଟପଦାସ୍ଥିତ ରାଜ ଦରବାରକୁ ଯାଇ ଶ୍ରୀକୃଷ୍ଣ ଶିବଧନୁ ଭଙ୍ଗ କରିଥିଲେ। ତାଙ୍କ କରାଘାତରେ କୁବଳୟା ହସ୍ତୀ ପ୍ରାଣ ହରାଇଥିଲା। ପରେ ଶ୍ରୀକୃଷ୍ଣ, ବଳରାମ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜ ଦରବାରକୁ ଆସିଥିଲେ। ଶ୍ରୀକୃଷ୍ଣ, ବଳରାମଙ୍କୁ ହତ୍ୟା କରିବା ପାଇଁ ସେମାନେ ନିଶ୍ଚୟ ସକ୍ଷମ ହେବେ ବୋଲି କଂସଙ୍କ ପାତ୍ରମନ୍ତ୍ରୀ, ସେନାପତି ନିଜ ପରାକ୍ରମ ଦେଖାଇଥିଲେ। କଂସ ମହାରାଜ ମଧ୍ୟ ରାଣୀ ପଦ୍ମାବତୀଙ୍କ ବାରଣ ସତ୍ତ୍ୱେ ରଣାଙ୍ଗନକୁ ଓହ୍ଲାଇ ଥିଲେ। କିନ୍ତୁ ବେନିଭାଇଙ୍କ ହାତରେ ତାଙ୍କର ନିଧନ ହୋଇଥିଲା। ଏହାପରେ ରାଜା ଉଗ୍ରସେନଙ୍କ ପୁଣି ରାଜାଭିଷେକ ହୋଇଥିଲା। ଶ୍ରୀକୃଷ୍ଣ, ବଳରାମ କାରାଗାରକୁ ଯାଇ ସେଠାରେ ବନ୍ଦୀଥିବା ଦେବକୀ, ବସୁଦେବଙ୍କୁ ମୁକ୍ତ କରିଥିଲେ। ଏହାପରେ ମଥୁରାବାସୀ ବାଣ ଫୁଟାଇ ଏବଂ ଲଡୁ ବାଣ୍ଟି ଖୁସି ମନାଇଥିଲେ। ଶେଷରେ କଂସ ଅଭିନେତା ସୁଶିଲ ମେହେର ପାପରୁ ମୁକ୍ତି ପାଇଁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ସେହିପରି ପାତ୍ରମନ୍ତ୍ରୀ, ସେନାପତି ଚରିତ୍ରରେ ଅଭିନୟ କରିଥିବା କଳାକାରମାନେ ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଅନ୍ତର୍ଗତ ନୃସିଂହନାଥକୁ ଯାଇ ଗୋକୁଣ୍ଡ ଘାଟରେ ସ୍ନାନ କରି ନୃସିଂହନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥିବା ସୂଚନା ମିଳିଛି। ଅନ୍ତିମ ଦିବସରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲାପାଳ ଆଦତ୍ୟ ଗୋୟଲ, ଏସ୍‌ପି ପି.ଏସ୍ ମୀନା ପ୍ରମୁଖ ରାଜ ଦରବାରରେ ଉପସ୍ଥିତ ଥିଲେ।

# ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଚାର୍ଜସିଟ୍ ଦାଖଲ କଲା ପୋଲିସ

**ବ୍ରହ୍ମପୁର, ୪/୦୧ ନ୍ୟୁଜ ବ୍ୟୁରୋ**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ କୋର୍ଟରେ ଚାର୍ଜସିଟ୍ ଦାଖଲ କଲା ବୈଦ୍ୟନାଥପୁର ଥାନା ପୋଲିସ। ବ୍ରହ୍ମପୁରର ସିଏସଆଇ କୋର୍ଟରେ ପ୍ରାୟ ୩୦ ହଜାର ପୃଷ୍ଠା ସମ୍ବଳିତ ଡକ୍ୟୁମେଣ୍ଟ ଦାଖଲ କରିଛି ବୈଦ୍ୟନାଥପୁର ପୋଲିସ। ତିନି ହଜାର ଚାର୍ଜସିଟ ସହ ସିଡି, କଲ ଡିଟେଲ୍ସ ରିପୋର୍ଟ ଓ ଅନ୍ୟ ରିପୋର୍ଟ ସମୁଦାୟ ପ୍ରାୟ ୩୦ ହଜାର ଡକ୍ୟୁମେଣ୍ଟ ଦାଖଲ କରିଥିବା କହିଛି ପୋଲିସ। ଏହି ସମୟରେ ଦୁଇଟି ଟ୍ରଙ୍କ ତଥା ଟିଣ ବାକ୍ସରେ ଚାର୍ଜସିଟ କୋର୍ଟକୁ ଆଣିଥିବା ଦେଖିବାକୁ ମିଳିଥିଲା।

ଦୁଇଟି ଗାଡ଼ିରେ ପୋଲିସ କୋର୍ଟରେ ପହଞ୍ଚି ଚାର୍ଜସିଟ୍ ଦାଖଲ କରିଛି। ଡିସେମ୍ବର ୯ ତାରିଖରେ ମାମଲାର ସିଡି ତଥା କେସ୍ ଡାଏରୀ ଦାଖଲ କରିଥିଲା ପୋଲିସ। ଏହି ମାମଲାରେ ପୋଲିସ ପର୍ଯ୍ୟାୟ କ୍ରମେ ମୋଟ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫଙ୍କ ମଧ୍ୟରେ ରହିଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାସ, କର୍ପୋରେଟର ମଳୟ ବିଷୋୟୀ, ବିକ୍ରମଙ୍କ ସହଯୋଗୀ ମଦନ ଦଳେଇ।

ମାମଲାରେ ଜାମିନ ପାଇଁ ବିକ୍ରମ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଅକ୍ଟୋବର ୬ ତାରିଖ ରାତିରେ ବୈକୁଣ୍ଠନଗର ସାହି ଛକରେ ପୀତବାସ ପଣ୍ଡାଙ୍କୁ ହତ୍ୟା କରିଥିଲେ। ଅକ୍ଟୋବର ୨୦ ତାରିଖରେ ବିକ୍ରମ ପଣ୍ଡା, ଶିବ ଶଙ୍କର ଦାସ ସମେତ ୧୨ ଜଣଙ୍କୁ ଗିରଫ କରିଥିଲା ପୋଲିସ। ରବିବାର ଚାର୍ଜସିଟ ଦାଖଲ କରିବା ପରେ ଆଗକୁ ତଦନ୍ତ ତ୍ୱରାନ୍ୱିତ ହେବା ଆଶା ରଖିଛନ୍ତି ଆଇନଜୀବୀ।

# ଓଡ଼ିଶା ରାଜନୀତିରେ ହେବ ଏକ ବଡ଼ ପରିବର୍ତ୍ତନ : ମହମ୍ମଦ ମୋକିମ୍



**କଟକ, ୦୪/୦୧**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଗଠନ ହେବ ନୂଆ ଆଞ୍ଚଳିକ ଦଳ। ବିଜେପି, ବିଜେଡି ଏବଂ କଂଗ୍ରେସକୁ ଦେବ ଟକ୍କର। ଓଡ଼ିଶା ରାଜନୀତିରେ ଏକ ବଡ଼ ପରିବର୍ତ୍ତନର ସଂକେତ ଦେଇଛନ୍ତି ବରିଷ୍ଠ ରାଜନେତା ମହମ୍ମଦ ମୋକିମ୍। ପ୍ରସ୍ତାବିତ ନୂଆ ଆଞ୍ଚଳିକ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ମୋକିମ୍। ନୂଆ ଆଞ୍ଚଳିକ ଦଳ ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ କାମ କରିବ। ଦଳରେ ମଦ ବିରୋଧୀ ଆନ୍ଦୋଳନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଅବକାରୀ ରାଜସ୍ୱକୁ ଖଣି ବିଭାଗ ଭରଣା କରିପାରିବ। ମୋକିମ୍ ଆହୁରି କହିଛନ୍ତି, ନୂଆ ଆଞ୍ଚଳିକ ଦଳ ମାଗଣା ଯୋଜନାକୁ ସମର୍ଥନ କରିବ ନାହିଁ। ମାଗଣା ଯୋଜନା ବଦଳରେ ଲୋକଙ୍କୁ ରୋଜଗାରକ୍ଷମ କରିବାକୁ ଯୋଜନା ହେବ। ରାଜ୍ୟର ଉଦୀୟମାନ ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ଦଳରେ ସାମିଲ କରାଯିବ। ରାଜ୍ୟରେ ଏବେ ରାଜନୈତିକ ଶୂନ୍ୟସ୍ଥାନ ରହିଛି। ଶାସନକୁ ଆସିବା ପରେ ବିଜେପି ସୁଶାସନ ଦେବାରେ ବିଫଳ ହୋଇଛି। ଲୋକେ ବିଜେଡି ଓ କଂଗ୍ରେସକୁ ପରୀକ୍ଷା କରିସାରିଛନ୍ତି। ଓଡ଼ିଶାର ଲୋକ ରାଜନୈତିକ ବିକଳ୍ପ ଚାହୁଁଛନ୍ତି ବୋଲି ମହମ୍ମଦ ମୋକିମ୍ କହିଛନ୍ତି।

ପୁଣି କଂଗ୍ରେସ ଦଳର ନିଷ୍ପତ୍ତିକୁ ନିଶାଣ କରିଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ଏଆଇସିସିର ଭୁଲ ନିଷ୍ପତ୍ତି ଯୋଗୁଁ କଂଗ୍ରେସ ବିଫଳ ହୋଇଛି ବୋଲି କହିଛନ୍ତି ମୋକିମ। ଆଗାମୀ ଦିନରେ ନୂଆ ଆଞ୍ଚଳିକ ରାଜନୈତିକ ଦଳ ଗଢିବା ଚର୍ଚ୍ଚା। ଭିତରେ ପୁଣି କଂଗ୍ରେସ ଦଳକୁ ନିଶାଣ କରିଛନ୍ତି ପୂର୍ବତନ ବିଧାୟକ ତଥା ପୂର୍ବତନ କଂଗ୍ରେସ ନେତା ମହମ୍ମଦ ମୋକିମ। ସେ କହିଛନ୍ତି ଯେ,ଏଆଇସିସିର ଭୁଲ ନିଷ୍ପତ୍ତି ଯୋଗୁଁ ଆଜି କଂଗ୍ରେସ ବିଫଳ ହେଉଛି। କେବଳ ଓଡ଼ିଶା ନୁହେଁ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ କଂଗ୍ରେସ ବିଫଳ ହେଉଛି। କଂଗ୍ରେସ ଯେଉଁ ରାଜ୍ୟରୁ କ୍ଷମତାରୁ ଯାଇଛି ଆଉ କ୍ଷମତାକୁ ଫେରି ପାରୁନି ବୋଲି କହିଛନ୍ତି ମୋକିମ। ଏଥି ପାଇଁ ସେ ଦିଲ୍ଲୀ ନେତୃତ୍ୱକୁ ସିଧାସଳଖ ଦାୟୀ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ (ସିଡବ୍ଲ୍ୟୁସି) ଶଶୀ ଥରୁର ଓ ଦିଗବିଜୟ ସିଂ କଂଗ୍ରେସ ଏହି ସେଟ ଅପ୍‌ରେ ଆଗକୁ ବଢି ପାରିବ ନାହିଁ ବୋଲି କହିଲେଣି। ଏହା ସହ ନୂଆ ଦଳ ସମ୍ପର୍କରେ ସେ କହିଛନ୍ତି ଯେ, ନୂଆ ଦଳ ପାଇଁ ବ୍ଲୁ-ପ୍ରିଣ୍ଟ ସମ୍ପୂର୍ଣ୍ଣ ସରିନାହିଁ। ଆଉ ୩/୪ ପର୍ଯ୍ୟାୟ ଆଲୋଚନା ବାକି ଅଛି। ଏହି ଦଳ ଭିନ୍ନ ପ୍ରକାର ହେବ ଏବଂ ବିଭିନ୍ନ ପ୍ରକାରର ସାମାଜିକ ନ୍ୟାୟ କାର୍ଯ୍ୟ କରିବ।

# ବେଆଇନ ଖଣିକୁ ସିଲ୍ କଲା ପ୍ରଶାସନ : ପଥର ଅତଡ଼ା ଖସି ଗଲା ଦୁଇ ଶ୍ରମିକଙ୍କ ଜୀବନ

**ଭୁବନେଶ୍ୱର ୪।୧ ନ୍ୟୁଜ ବ୍ୟୁରୋ**

ନିମିଧା ରୋଡ୍ ପଥର ଖଣି ସିଲ୍। ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ଅଞ୍ଚଳରେ ଥିବା ନିମିଧା ରୋଡ୍ ମେଟାଲ ପଥର ଖଣି-୨କୁ ସିଲ୍ କଲା ପ୍ରଶାସନ। ୧.୬୩ ଏକର ଅଞ୍ଚଳରେ ନିମିଧା ରୋଡ୍ ଧାତୁ ପଥର ଖଣିରୁ ମାଇନିଂ ବନ୍ଦ ପାଇଁ ନୋଟିସ୍ ହୋଇଥିଲା। ଏହି ଖଣିକୁ ଗତ ଡିସେମ୍ବର ମାସ ୨ ତାରିଖରେ ବନ୍ଦ ପାଇଁ ନୋଟିସ୍ କରିଥିଲା ପ୍ରଶାସନ। ଏହି ବେଆଇନ ଧାତୁ ପଥର ଖଣିରେ ଅଘଟଣ ଘଟିଥିଲା। ବଡ଼ ପଥର ଅତଡା ପଡି ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ପଥର ଅତଡ଼ା ତଳୁ ଦୁଇ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉଦ୍ଧାର କାର୍ଯ୍ୟ ସାରି ଖଣିକୁ ସିଲ୍ କରିଛି ପ୍ରଶାସନ। ବିସ୍ଫୋରଣ ପାଇଁ ପଥରରେ ଡ୍ରିଲ୍ କରୁଥିବା ବେଳେ ଉପରୁ ଖସି ପଡ଼ିଥିଲା ବଡ଼ ବଡ଼ ପଥର। ଓଡ଼ପଡ଼ା ତହସିଲ ଅନ୍ତର୍ଗତ ରାଣିବଣିଆ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିଲା ଏହି ରୋଡ଼ ପଥର ଖଣି। ଶନିବାର ସନ୍ଧ୍ୟାରେ ଘଟିଥିଲା ଏଭଳି ଅଘଟଣ। ରବିବାର ସକାଳୁ ସାଢ଼େ ୪ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଓଡ୍ରାଫ୍, ଦମକଳ ବାହିନୀ ଓ ଅନୁସନ୍ଧାନୀ କୁକୁର ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ସୂଚନାଯୋଗ୍ୟ ଯେ, ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ରାଣୀବଣିଆ ଅଂଚଳର ଏକ ରୋଡ଼ ଧାତୁ ପଥର ଖଣିରେ ବିସ୍ଫୋରଣ ବେଳେ ଘଟିଥିଲା ଦୁର୍ଘଟଣା। ଖଣି ଭିତରେ କାମ କରୁଥିବା ଶ୍ରମିକମାନଙ୍କ ଉପରେ ବଡ଼ ବଡ଼ ପଥର ଅତଡା ଖସି ପଡ଼ିବାରୁ ଚାପି ହୋଇଯାଇଥିବା ସୂଚନା ମିଳିଥିଲା। ତେବେ ଏହି ଦୁର୍ଘଟଣାରେ ୨ଜଣ ଶ୍ରମିକଙ୍କର ମୃତଦେହକୁ ଉଦ୍ଧାର କରାଯାଇଥିଲା। ଖବର ପାଇ ଘଟଣାସ୍ଥଳକୁ ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍‌ପି ଅଭିନବ ସୋନକର, ମୋଟଙ୍ଗା ଥାନା ପୋଲିସ ପହଞ୍ଚିଥିଲେ। ଦମକଳ ବାହିନୀ ଓ ଓଡ୍ରାଫ ଟିମ୍ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଥିଲେ ମଧ୍ୟ ରାତି ଯୋଗୁଁ ରବିବାର ସକାଳୁ ଏହି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହା ଏକ ବେଆଇନ ପଥର ଖଣି ବୋଲି ଜଣାପଡିଛି। ବିସ୍ଫୋରଣ ପାଇଁ ବଡ଼ ବଡ଼ ପଥରରେ ଦୁଇ ଜଣ ଶ୍ରମିକ ଡ୍ରିଲ କରି ଡିନାମାଇଟ୍ ଖଞ୍ଜିବା ବେଳେ ଉପରୁ ବଡ଼ ବଡ଼ ପଥର ଅତଡ଼ା ଖସିଯାଇଥିଲା। ଫଳରେ ଶ୍ରମିକ ଦୁଇ ଜଣ ପଥର ତଳେ ଚାପି ହୋଇ ଯାଇଥିବା କୁହାଯାଉଛି। ରବିବାର ସକାଳୁ ପୋଲିସ ଦମକଳ ବାହିନୀ, ଓଡ୍ରାଫ ଟିମ୍, ଜେସିବି ଆଦି ମେସିନ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ବେଆଇନ ଭାବେ ଏହି ଖଣି ଖନନ ଚାଲିଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡିଛି। ବିସ୍ଫୋରଣ ପାଇଁ ଡିନାମାଇଟ୍ ଖଞ୍ଜିବା ପାଇଁ ବଡ଼ ବଡ଼ ପଥରରେ ହୋଲ୍ ବା ଡ୍ରିଲ କରୁଥିବା ବେଳେ ଉପରୁ ବଡ଼ ବଡ଼ ପଥର ଖଣ୍ଡ ତଳକୁ ଖସି ପଡିଥିଲା। ଫଳରେ ଦୁଇ ଜଣ ଶ୍ରମିକ ଚାପି ହୋଇଯାଇଥିବା ଜଣାପଡିଥିଲା। ତେବେ ଘଟଣାସ୍ଥଳରୁ ଖଣି ଖନନ କରାଉଥିବା ଖଣି ମାଲିକ ଓ ତାଙ୍କ କର୍ମଚାରୀ ତଥା ଶ୍ରମିକମାନେ ପଳାଇଯାଇଥିଲେ। ଫଳରେ ଏହି ଦୁର୍ଘଟଣା ଘଟିବା ବେଳେ ଖଣିରେ ସଠିକ୍ କେତେ ଜଣ ଶ୍ରମିକ କାମ କରୁଥିଲେ ଓ କେତେ ଜଣ ଦୁର୍ଘଟଣାର ଶିକାର ହୋଇଛନ୍ତି ତାହା ତଦନ୍ତ ପରେ ଜଣାପଡିବ ବୋଲି ସୂଚନା ମିଳିଛି।